ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୧ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 November 2025
Vol.No. 36 ■ No.306 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ...

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

## ବିହାରରେ ପୁଣି ଆରମ୍ଭ ନୀତିଶ ଶାସନ: ଶପଥ ନେଲେ ମନ୍ତ୍ରିମଣ୍ଡଳର ୨୬ ସଦସ୍ୟ

ନୂଆଦିଲ୍ଲୀ,୨୦/୧୧ : ଗୁରୁବାର ଦଶମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବରେ ନୀତୀଶ କୁମାର ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ, ପାଞ୍ଚଟି ଏନଡିଏ ସହଯୋଗୀ ଦଳର ମୋଟ ୨୬ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି। ନୀତୀଶ କୁମାରଙ୍କ ପରେ, ଭାଜପାର ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା ଉଭୟ ଉପମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଆରିଫ ମହମ୍ମଦ ଖାନ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଗାନ୍ଧୀ ମୈଦାନରେ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ୩ ଜଣ ମହିଳା ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଜେଡିୟୁରୁ ଲେସି ସିଂହଙ୍କୁ ମନ୍ତ୍ରୀ ଭାବରେ ପୁନଃନିର୍ବାଚିତ କରାଯାଇଥିଲା। ଜାମୁଇରୁ ପୁନଃନିର୍ବାଚନ ଜିତିଥିବା ଶ୍ରେୟସୀ ସିଂହଙ୍କୁ ମନ୍ତ୍ରୀ ଭାବରେ ପୁନଃନିର୍ବାଚିତ କରାଯାଇଥିଲା।



ତୃତୀୟ ମହିଳା ଥିଲେ ରମା ନିଷାଦ, ଯିଏ ପ୍ରଥମ ଥର ପାଇଁ ଭାଜପା ଟିକେଟରେ ବିଧାୟକ ହୋଇଥିଲେ। ସେ ମୁଜାଫରପୁର ଜିଲ୍ଲାର ଆଉରାଇ ବିଧାନସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି । ଗାନ୍ଧୀ ମୈଦାନରେ ନୀତୀଶ କୁମାରଙ୍କ ସହିତ ଶପଥ ଗ୍ରହଣ କରିଥିବା ୨୬ ଜଣ ମନ୍ତ୍ରୀଙ୍କ ମଧ୍ୟରୁ (ବିହାର ମନ୍ତ୍ରୀ ୨୦୨୫) ୧୩ ଜଣ ପ୍ରଥମ ଥର ପାଇଁ ମନ୍ତ୍ରୀ ଥିଲେ। ଏମାନଙ୍କ ମଧ୍ୟରେ ଅନେକ ପ୍ରଥମ ଥର ପାଇଁ ମନ୍ତ୍ରୀ ଥିଲେ। ଆରଏଲଏସପିରୁ ମନ୍ତ୍ରୀ ହୋଇଥିବା ଦୀପକ ପ୍ରକାଶ ସଂସଦର କୌଣସି ଗୃହର ସଦସ୍ୟ ନୁହଁନ୍ତି। ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଥିବା ଲୋକଙ୍କ ମଧ୍ୟରେ ଭାଜପାର ରାମା ନିଷାଦ, ଏଲଜେପି (ଆର)ର ସଞ୍ଜୟ କୁମାର ଏବଂ ସଞ୍ଜୟ କୁମାର ସିଂହ ଅନ୍ତର୍ଭୁକ୍ତ। ପ୍ରଥମ ଥର ପାଇଁ ବିଧାୟକ ରାମକ୍ରିପାଲ ଯାଦବ ନରେନ୍ଦ୍ର ମୋଦିଙ୍କ କେନ୍ଦ୍ର ସରକାରରେ କାର୍ଯ୍ୟ କରିଥିଲେ, କିନ୍ତୁ ନୀତୀଶ କୁମାରଙ୍କ ସହିତ ପ୍ରଥମ ଥର ପାଇଁ ମନ୍ତ୍ରୀ ଭାବରେ କାର୍ଯ୍ୟ କରିବେ। ପ୍ରଥମ ଥର ପାଇଁ ମନ୍ତ୍ରୀ ପଦ ପାଇଥିବା ଲୋକଙ୍କ ମଧ୍ୟରେ ଶ୍ରେୟସୀ ସିଂହ, ଡକ୍ଟର ପ୍ରମୋଦ କୁମାର, ସଞ୍ଜୟ ସିଂହ ଟାଇଗର, ଅରୁଣ ଶଙ୍କର ପ୍ରସାଦ ଏବଂ ଲଖେନ୍ଦ୍ର କୁମାର ରୋଶନ ଅଛନ୍ତି। ଜାତିଭିତ୍ତିକ ସନ୍ତୁଳନ ଏହି ଉପାୟରେ ହାସଲ କରାଯାଇଥିଲା। ନୂଆ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ମଧ୍ୟ ଜାତିଭିତ୍ତିକ ସନ୍ତୁଳନ ବଜାୟ ରଖିଛି। ସର୍ବାଧିକ ପାଞ୍ଚ ଜଣ ମନ୍ତ୍ରୀ ଦଳିତ ସମ୍ପ୍ରଦାୟର। ଏହା ପରେ ଚାରି ଜଣ ରାଜପୁତ, ତିନି ଜଣ ବୈଶ୍ୟ, ଦୁଇ ଜଣ ନିଷାଦ, ଦୁଇ ଜଣ କୁର୍ମି, ତିନି ଜଣ କୁଶୱାହା, ଦୁଇ ଜଣ ଯାଦବ, ଦୁଇ ଜଣ ସାହାଣୀ, ଦୁଇ ଜଣ ଭୂମିହାର ଏବଂ ବ୍ରାହ୍ମଣ, କାୟସ୍ଥ ଏବଂ ଚନ୍ଦ୍ରବଂଶୀ ସମ୍ପ୍ରଦାୟର ପ୍ରତ୍ୟେକ ଜଣେ ଅଛନ୍ତି। ମୁସଲିମ ଜମା ଖାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି।

## ବାପାଙ୍କ ଜନ୍ମତିଥିରେ ପୁଅର ଶପଥ: ନୂଆପଡ଼ା ବିକାଶ ପାଇଁ ସଂକଳ୍ପ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ବିଧାନସଭାରେ ଶପଥ ସହ ନୂଆପଡ଼ାର ବିଧାୟକ ଭାବେ ନୂଆ ଦାୟିତ୍ୱ । ଜୟ ଢୋଲକିଆଙ୍କ ହାତରେ ସାଢେ ୩ ବର୍ଷରୁ କମ ସମୟ । ସେବା ପାଇଁ ସୁଯୋଗ ଦେଇଥିବା ନୂଆପଡାବାସୀଙ୍କୁ ଏବେ ପ୍ରତିଦାନର ସମୟ । ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରା କରିବା ଜୟଙ୍କ ପାଇଁ ବଡ଼ ଆହ୍ୱାନ ।ସମୟ : ଅପରାହ୍ନ ୧ଟା ୧୧ ମିନିଟ୍ । ବିଧାନସଭା ପରିସରକୁ ଆସିଥିଲେ ନୂଆପଡ଼ାର ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ । ପବିତ୍ର ଗୃହକୁ ଆସି ବଡ଼ ଦାୟିତ୍ୱ ନେବା ପୂର୍ବରୁ ସମ୍ବିଧାନକୁ ମୁଣ୍ଡିଆ ମାରିଥିଲେ। ପରିବାର ସହ ଆସି ବିଧାୟକ ଭାବେ ଶପଥ ନେଇଥିଲେ ଜୟ ଢୋଲକିଆ । ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ବାଚସ୍ପତି ସୁରମା



ପାଢୀ । ଏହି ଶପଥପାଠ ସମୟରେ ବିଜେପିର ବରିଷ୍ଠ ନେତୃବୃନ୍ଦ ମଧ ସାମିଲ ହୋଇଥିଲେ । ବିଧାୟକ ଭାବେ ଶପଥ ନେବା ପରେ ବଡ଼ ବୟାନ ଦେଇଛନ୍ତି ଜୟ ଢୋଲକିଆ । କହିଛନ୍ତି, ବିଶ୍ରାମ କରିବାର ସମୟ ସରିଛି, କାମ କରିବାର ସମୟ ଆସିଛି । ନୂଆପଡ଼ାର ସେବା ପାଇଁ ସୁଯୋଗ ମିଳିବା ସହ ଦାୟିତ୍ୱ ବଢିଛି । ଏହାସହ ବାପାଙ୍କ ପ୍ରତି ବିଜେଡି ଯେଉଁ ଆଭିମୁଖ୍ୟ ଆପଣାଇଥିଲା ତାହାକୁ ଭୁଲିବିନି ବୋଲି କହିଛନ୍ତି ଜୟ । ବାପାଙ୍କ ଅସୁସ୍ଥତା ବେଳେ ସାଥିରେ ଛିଡ଼ା ହୋଇନଥିଲା ବିଜେଡି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୋତେ ପୁଅ ଭଳି ସ୍ନେହ ଦେଇଛନ୍ତି । ଆଗକୁ ଭିଜନ, ନୂଆପଡ଼ାରେ ନିଯୁକ୍ତି ସୃଷ୍ଟି କରି ଦାଦନ ହ୍ରାସ କରିବୁ । ଦମ୍ଭ ଦେଖାଇଛନ୍ତି ଜୟ । କହିଛନ୍ତି, ଆଗାମୀ ସାଢେ ୩ ବର୍ଷରେ ଡବଲ ଇଞ୍ଜିନ ସରକାରରେ ନୂଆପଡ଼ା ବିକାଶର ଶିଖର ଛୁଇଁବ । ନିର୍ବାଚନମଣ୍ଡଳୀରେ ପାନୀୟ ଜଳ, ଟେଲିକମ ସମସ୍ୟା ଦୂର କରିବା ସହ ନୂଆ ମେଡିକାଲ କଲେଜ ନିର୍ମାଣକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ଜୟ ।

## ଅବେଳରେ ଆସୁଛି ବାତ୍ୟା: ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଶୀତଦିନରେ ଘାରିଲାଣି ବର୍ଷାର ଭୟ , ଛାନିଆ ହେଲେଣି ଚାଷୀ । ଶନିବାର ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆସୁଛି ଲଘୁଚାପ । ଯଦିଓ ବାତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ, ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି । ଶୀତଦିନରେ ଲଘୁଚାପକୁ ନେଇ ସମସ୍ତେ ଛାନିଆ। ବଙ୍ଗୋପସାଗରରେ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ୨୨ ତାରିଖ ବେଳକୁ ଲଘୁଚାପ, ୨୪ରେ ଅବପାତ ଓ ପରବର୍ତ୍ତୀ ୩ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତିକରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି । ବାତ୍ୟାର ସମ୍ଭାବ୍ୟ ଗତିପଥ ନେଇ କୌଣସି ସ୍ପଷ୍ଟତା ଏବେ ସୁଦ୍ଧା ପାଣିପାଗ ବିଭାଗ ସ୍ପଷ୍ଟ କରିନାହିଁ । ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ ଅନୁସାରେ, ସମ୍ଭାବ୍ୟ ବାତ୍ୟା ଓଡ଼ିଶାରେ ସିଧାସଳଖ ମାଡ଼ ହୋଇନପାରେ । ଏହାର ପ୍ରଭାବରେ ୩-୪ଦିନ ପ୍ରବଳ ବର୍ଷା ହୋଇପାରେ । ବାତ୍ୟାର ପ୍ରଭାବ ଆନ୍ଧ୍ର ଓ ତାମିଲନାଡ୍ରୁ ଉପରେ ପଡ଼ିବା ସମ୍ଭାବନା ଅଧିକ । ରାଜ୍ୟରେ କେବଳ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ବିଲରେ ଏବେ ଅଧା ପାଚିଲା ଧାନ ପଡିଛି । ଦିନ କେଇଟା ମଧ୍ୟରେ ଅମଳ ହେବ । ଆଉ ସମ୍ଭାବ୍ୟ ବର୍ଷାକୁ ନେଇ ଉପକୂଳର ଚାଷୀ ଛାନିଆ ହୋଇଛନ୍ତି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ମହୁରା ପଂଚାୟତ ବାଗଲପୁର ସମେତ ଆଖ ପାଖ ଅଂଚଳରେ ୭ଶହ ଏକର ରୁ ଅଧିକ ଧାନ ଫସଲ କରିଛନ୍ତି । ▶▶ପୃଷ୍ଠା ୭

## ମାଟ୍ରିକ୍ ପରୀକ୍ଷା ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ବିଦ୍ୟାଳୟଗୁଡ଼ିକର ଅନୁରୋଧକୁ ଦୃଷ୍ଟିରେ ରଖି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା (ମାଟ୍ରିକ୍), ଏସ୍‌ଓଏସସି (ପ୍ରଥମ) ଏବଂ ମାଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିବାର ଶେଷ ତାରିଖକୁ ବୃଦ୍ଧି କରିଛି। ଫର୍ମ ପୂରଣ କରିବାର ଅବଧିକୁ ବୃଦ୍ଧି କରାଯାଇ ନଭେମ୍ବର ୨୮, ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ପୂର୍ବରୁ, ନିୟମିତ ତଥା ଏକ୍ସ-ନିୟମିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଫର୍ମ ପୂରଣ ପ୍ରକ୍ରିୟା ନଭେମ୍ବର ୮ରୁ ନଭେମ୍ବର ୨୨, ୨୦୨୫ ପର୍ଯ୍ୟନ୍ତ ଚାଲିବାର ଥିଲା। ପରିଷଦ ସ୍ପଷ୍ଟ କରିଛି ଯେ ନଭେମ୍ବର ୨୮ ପରେ ଆଉ କୌଣସି ଅବଧି ବୃଦ୍ଧି କରାଯିବ ନାହିଁ। ଛାତ୍ରଛାତ୍ରୀମାନେ ଅଧିକ ସୂଚନା ପାଇଁ BSEର ଅଫିସିଆଲ୍ ୱେବସାଇଟ୍ bseodisha.ac.in ପରିଦର୍ଶନ କରିପାରିବେ। ▶▶ପୃଷ୍ଠା ୭

## ରଥଯାତ୍ରା ଦଳାଚକଟା: ଏସିଏଫଙ୍କୁ କାରଣଦର୍ଶାଅ ନୋଟିସ୍, ଏଡିଏମ ଓ ଅନ୍ୟ ୪ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ

ପୁରୀ, ୨୦/୧୧ (ନି.ପ୍ର): ଚଳିତବର୍ଷ ପୁରୀ ରଥଯାତ୍ରାବେଳେ ଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ଘଟଣାରେ ଆଉ ୬ଜଣ ଅଫିସରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ରଥଯାତ୍ରାବେଳେ ଦାୟିତ୍ୱରେ ଅବହେଳା ଅଭିଯୋଗରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନହେବ ୩୦ଦିନ ମଧ୍ୟରେ ନିଜର ପକ୍ଷ ରଖିବାକୁ ପୁରୀ ସହକାରୀ ବନ ସଂରକ୍ଷକ(ଏସିଏଫ) ଅଶୋକ କୁମାର ବେହେରାଙ୍କୁ ନୋଟିସ୍ ଜାରି ହୋଇଛି । ସେହିପରି ପୁରୀର ଅତିରକ୍ତ



ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ଓ ଅନ୍ୟ ୪ଜଣ ଅଫିସର୍ ପୁରୀର ଡିଏସଏସଓ ବିଭୂତିଭୂଷଣ ନାୟକ, ମୟୂରଭଞ୍ଜରେ କାର୍ଯ୍ୟରତ ଅତିରିକ୍ତ ତହସିଲଦାର ରାଜକିଶୋର ଜେନା, ଗଁଦିଆର ଅତିରିକ୍ତ ତହସିଲଦାର ସୌଭାଗ୍ୟ କୁମାର ମହାନ୍ତି ଓ ଢେଙ୍କାନାଳର ସହକାରୀ ଜିଲ୍ଲାପାଳ ଦୟାନିଧି ପାତ୍ରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ଅନୁ ଗର୍ଗ କମିଟି ସୁପାରିଶ କରିଛନ୍ତି । ଅନୁ ଗର୍ଗ କମିଟି ସୁପାରିଶ ଓ ଗୃହ ବିଭାଗର ଚିଠି ପରାମର୍ଶ ଆଧାରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ନଭେମ୍ବର ୧୮ତାରିଖରେ ପୁରୀ ଏସିଏଫ ଅଶୋକ କୁମାର ବେହେରାଙ୍କୁ ଦାୟିତ୍ୱରେ ଅବହେଳା ଅଭିଯୋଗରେ ଓଡ଼ିଶା ସିଭିଲ୍ ସର୍ଭିସେସ୍ ରୁଲସ-୧୯୬୨ର 'ନିୟମ-୧୬) ଅନ୍ତର୍ଗତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ନିମନ୍ତେ ନୋଟିସ୍ ଜାରି କରିଛନ୍ତି। ୩୦ଦିନ ମଧ୍ୟରେ ଶ୍ରୀ ବେହେରା ଯଦି ଉପଯୁକ୍ତ ଜବାବ ଦାଖଲରେ ବିଫଳ ରୁହନ୍ତି ତାଙ୍କ ବିରୁଦ୍ଧରେ ଏକପାଖିଆ ▶▶ପୃଷ୍ଠା ୭

## ଖବରକାଗଜ ଅଫିସରେ ବଡ଼ ରେଡ୍: ମିଳିଲା ଏକେ ୪୭ର ଏକାଧିକ କ୍ୟାଟ୍ରିଜ୍

ନୂଆଦିଲ୍ଲୀ,୨୦/୧୧ : ଜମ୍ମୁ-କଶ୍ମୀର ପୁଲିସ୍‌ର ଷ୍ଟେଟ ଇନଭେଷ୍ଟିଗେସନ ଏଜେନ୍ସି (ଏସ୍‌ଆଇଏ) ପକ୍ଷରୁ କଶ୍ମୀର ଟାଇମ୍ସ ନ୍ୟୁଜ ପେପରର ଜମ୍ମୁ ଅଫିସରେ ହୋଇଛି ବଡ଼ଧରଣର ରେଡ। ଏହି ସମୟରେ ଏକେ ରାଇଫଲ୍ସର ଏକାଧିକ କ୍ୟାଟ୍ରିଜ୍ ମିଳିଛି। ଏହାବାଦ ପିସ୍ତଲର ଏକାଧିକ ରାଉଣ୍ଡ୍ ଓ ହ୍ୟାଣ୍ଡଗ୍ରେନେଡରେ ବ୍ୟବହୃତ ହେଉଥିବା ପିନ୍ ଖବରକାଗଜର ଅଫିସରୁ ମିଳିଥିବା ପୁଲିସ୍ ଦାବି କରିଛି। ଏହି ଖବରକାଗଜ ସଂସ୍ଥା ଓ ଏହାର ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଭାରତ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ପ୍ରଥମେ ଅଭିଯୋଗ ହୋଇଥିଲା। ଏନେଇ ମାମଲା ରୁଜୁ ହେବା ପରେ ପୁଲିସ୍ ପକ୍ଷରୁ ଆଜି ଜମ୍ମୁ ସ୍ଥିତ ଅଫିସରେ ରେଡ କରାଯାଇଛି। ଏସ୍‌ଆଇଏ ଟିମ ପକ୍ଷରୁ ଖବରକାଗଜ ଅଫିସକୁ ଭଲ ଭାବେ ଯାଞ୍ଚ କରାଯାଇଛି। ଅଫିସରେ ଥିବା କମ୍ପ୍ୟୁଟର ଗୁଡ଼ିକର ମଧ ଯାଞ୍ଚ କରାଯାଇଥିଲା। ଆଗକୁ ଏହାର ପ୍ରମୋଟର୍ସମାନଙ୍କୁ ଜେରା କରାଯିବାର ଯୋଜନା ରହିଛି। ରେଡ ବେଳେ ଏକେ ୪୭ର କ୍ୟାଟ୍ରିଜ୍ସ, ପିସ୍ତଲ ରାଉଣ୍ଡ୍ସ ଓ ଗ୍ରେନେଡର ୩ଟି ଲିଭର ମିଳିଛି।

## ଶସ୍ତାରେ ଘର ଯୋଗାଇବେ ସରକାର : ନଗର ଉନ୍ନୟନ ମନ୍ତ୍ରୀ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ରାଜ୍ୟ ସରକାର ସୁଲଭ ମୂଲ୍ୟରେ ରାଜଧାନୀରେ ଘର ଯୋଗାଇବେ । ୧୪ ରୁ ୫୦ ଲକ୍ଷ ଟଙ୍କାରେ ଘର ଯୋଗାଇଦିଆଯିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଏଥିପାଇଁ ପାଇଲଟ ପ୍ରୋଜେକ୍ଟ ଜରିଆରେ ୯୦ ଟି ଘର ତିଆରି ହୋଇଛି । ଏହି ଘର ଗୁଡିକ ୨ ବିଏଚକେ ରହିଛି । ପ୍ରାଥମିକତା ଭିତ୍ତିରେ ପ୍ରଥମେ ବସ୍ତି ବାସିନ୍ଦାଙ୍କୁ ଘର ଦିଆଯିବ । ଅଧିକରୁ ଅଧିକ ସାଧାରଣ ଲୋକଙ୍କୁ ଘର ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି ।

## କପି ହେବନି ସେନା ପୋଷାକ: ନମାନିଲେ ଆଇନ୍ ଅନୁଯାୟୀ ମିଳିବ ଦଣ୍ଡ

ନୂଆଦିଲ୍ଲୀ, ୨୦/୧୧ : ଭାରତୀୟ ସେନାର ନୂଆ କୋଟ୍ କମ୍ବାଟ୍ (ଡିଜିଟାଲ୍ ପ୍ରିଣ୍ଟ)ର ବୌଦ୍ଧିକ ସମ୍ପତ୍ତି ଅଧିକାର ସଂରକ୍ଷିତ। କେବଳ ଭାରତୀୟ ସେନାର ପାଖରେ ରହିବ ଡିଜାଇନର ସ୍ୱତନ୍ତ୍ର ବୌଦ୍ଧିକ ସମ୍ପତ୍ତି ଅଧିକାର। ନୂଆ ଯୁଦ୍ଧ କୋଟ୍ ସେନାର ଏକମାତ୍ର ମାଲିକାନା ନେଇ ପ୍ରତିରକ୍ଷା ମନ୍ତ୍ରାଳଣ ପକ୍ଷରୁ ଘୋଷଣା କରାଯାଇଛି। ଅଣ-ଅଧିକୃତ ସଂସ୍ଥା ସେନାର ନୂଆ ଯୁଦ୍ଧ କୋଟ୍ କମ୍ବାଟର ଡିଜାଇନ୍ କରିପାରବେନି। ପୁନଃଉତ୍ପାଦନ କିମ୍ବା ବାଣିଜ୍ୟ ପାଇଁ ବ୍ୟବହାର କଲେ ଆଇନ୍ ଅନୁଯାୟୀ ଦଣ୍ଡ ବିଧାନ ହେବା ନେଇ ଘଷୋଣା କରାଯାଇଛି । ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି ଦ୍ୱାରା ଡିଜାଇନ୍ ବିକଶିତ କରାଯାଇଥିବା ବେଳେ ୭ ଫେବ୍ରୁଆରୀ ୨୦୨୫ରେ ପେଟେଣ୍ଟ, ଡିଜାଇନ୍ ଏବଂ ଟ୍ରେଡମାର୍କ ମହାନିୟନ୍ତ୍ରକ, କୋଲକାତାଙ୍କ ନିକଟରେ ଡିଜାଇନ୍ ପଞ୍ଜିକୃତ ହୋଇଛି । ୭ ଅକ୍ଟୋବର ୨୦୨୫ରେ ପେଟେଣ୍ଟ କାର୍ଯ୍ୟାଳୟର ଜର୍ଣ୍ଣାଲରେ ରିପୋର୍ଟ ପ୍ରକାଶ ▶▶ପୃଷ୍ଠା ୭

## କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଟେକଓଭର କରିପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦/୧୧ : ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଆଜି ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବ ନାହିଁ। ଆଜି ଉଔଓ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ସନ୍ଦର୍ଭ ସପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଉପସ୍ଥାପିତ କରିଥିବା ଯୁକ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ



କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବେ ନାହିଁ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳ ଏକ ବିଲ୍ ପ୍ରତି ତାଙ୍କର ସମ୍ମତି ଦେଇପାରିବେ, ବିଲ୍ କୁ ସ୍ଥଗିତ ରଖିପାରିବେ ଏବଂ ଫେରାଇ ପାରିବେ, କିମ୍ବା ବିଲ୍ କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ କୌଣସି ଅନ୍ୟ ବିକଳ୍ପ ନାହିଁ। ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟ ବିଲ୍ କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିପାରିବେ ନାହିଁ, କିନ୍ତୁ ଏହା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ସ୍ଥିର କରିବାକୁ ମନା କରିଦେଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜ୍ୟପାଳ ବିଲ୍ ପାଇଁ ସମ୍ମତି ପ୍ରଦାନ କରିବା ପାଇଁ କୋର୍ଟ ସମୟ ସୀମା ସ୍ଥିର କରିପାରିବେ ନାହିଁ। ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସମୟ ସୀମା ଲାଗୁ କରିପାରିବେ ନାହିଁ। ସୁପ୍ରିମକୋର୍ଟ କହିଛନ୍ତି ଯେ ତାମିଲନାଡୁ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ଏପରି ନିର୍ଦ୍ଦେଶ ଅସାମ୍ବିଧାନିକ। ▶▶ପୃଷ୍ଠା ୭

## ଦିଲ୍ଲୀ ବିସ୍ଫୋରଣ ମାମଲାରେ ଆଉ ୪ ଡାକ୍ତର ଗିରଫ: ଷଡ଼ଯନ୍ତ୍ରରେ ଜଡ଼ିତ ଥିବା ନେଇ ଏନଆଇଏର ଦାବି

ନୂଆଦିଲ୍ଲୀ,୨୦/୧୧ : ଦିଲ୍ଲୀ ବିସ୍ଫୋରଣ ମାମଲା, ଏନଆଇଏ ଦ୍ୱାରା ଆଉ ୪ ଅଭିଯୁକ୍ତ ଗିରଫ । ଏନଆଇଏର ସୂଚନାନୁସାରେ, ଗିରଫ ହୋଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ଜମ୍ମୁ ଓ କାଶ୍ମୀରର ବାସିନ୍ଦା ହୋଇଥିବାବେଳେ ଜଣେ ଅଭିଯୁକ୍ତ ଉତ୍ତର ପ୍ରଦେଶରୁ । ଧରାପଡ଼ିଥିବା ଅଭିଯୁକ୍ତ ସମସ୍ତେ ଡାକ୍ତର । ଅଭିଯୁକ୍ତମାନେ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସିଧାସଳଖ ଜଡ଼ିତ ଥିବା ନେଇ ଏନଆଇଏ ଦାବି କରିଛି । ଏହି ମାମଲାରେ ଆହୁରି ଅଧିକ ତଥ୍ୟ ଏକାଠି କରିବା



ପାଇଁ ଏନଆଇଏ ବର୍ତ୍ତମାନ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି ଏବଂ ବିସ୍ଫୋରଣ ପଛରେ ଥିବା ସମ୍ପୂର୍ଣ୍ଣ ନେଟୱର୍କକୁ ଠାବ କରିବାକୁ ଚେଷ୍ଟା କରୁଛି । ▶▶ପୃଷ୍ଠା ୭

# ମାଲକାନଗିରି ଜିଲ୍ଲାରେ ବେପାରୀଙ୍କ ଲୋଲୁପ ଦୃଷ୍ଟି ଯୋଗୁଁ ହ୍ରାସ ପାଇବାରେ ଲାଗିଛି ମଣ୍ଡା ମଇଁଷିଙ୍କ ସଂଖ୍ୟା

ମାଲକାନଗିରି,୧୯/୧୧ (ନି.ପ୍ର): ଚାଷ କାମରେ ପାରଙ୍ଗମ। ପାହାଡ଼ିଆ ଇଲାକାରେ ଶଗଡ଼ ଟାଣିବାରେ ଧୁରନ୍ଧର। ଦିନକୁ ୪ରୁ ୬ଲିଟର କ୍ଷୀର ଦେଇଥାଏ। ଆୟୁଷ ୧୫ରୁ ୧୬ବର୍ଷ ହୋଇଥିବା ବେଳେ ଜୀବନକାଳ ଭିତରେ ଜନ୍ମ ଦେଇଥାଏ ୭ରୁ ୮ଟି ଛୁଆ। ଭାରତର ଅନ୍ୟ ବିରଳ ପ୍ରାଣୀଙ୍କ ମଧ୍ୟରୁ ମାଲଭୂମିର ମଣ୍ଡା ମଇଁଷି ଅନ୍ୟତମ ହୋଇଥିବାରୁ ୧୯ତମ ଜାତୀୟ ମାନ୍ୟତା ପ୍ରଦାନ କରିଥିଲେ ସରକାର।କିନ୍ତୁ ବେପାରୀଙ୍କ ଲୋଲୁପ ଦୃଷ୍ଟି କାରଣରୁ ହ୍ରାସ ପାଇବାରେ ଲାଗିଛି ମଣ୍ଡା ମଇଁଷିଙ୍କ ସଂଖ୍ୟା। ଗତ ୫ବର୍ଷ ମଧ୍ୟରେ ସଂଖ୍ୟା ୫୦ ପ୍ରତିଶତ ହ୍ରାସ ପାଇଥିବାରୁ ଏମାନଙ୍କ ବଂଶରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି। ୨୦୨୦ରେ ରାଜ୍ୟ ସରକାର କରିଥିବା ଗଣନା ଅନୁଯାୟୀ, ରାଜ୍ୟରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ମଣ୍ଡା ମଇଁଷି ଥିଲେ। ମାଲକାନଗିରି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ଥିଲା ୬ ହଜାର ୪୦୦ । ୨୦୨୫ରେ ସଂଖ୍ୟା ଖସି ଆସିଛି ୩ରୁ ୪ ହଜାରକୁ। ମଣ୍ଡା ଜାତିର ମଇଁଷି କେବଳ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ହିଁ ଦେଖିବାକୁ ମିଳେ। ନବରଙ୍ଗପୁରରେ ମଣ୍ଡାଙ୍କ ସଂଖ୍ୟା ନଗଣ୍ୟ। ବିଶେଷ କରି ବଣ୍ଡାଘାଟି, ମାଥିଲି, ଖଇରପୁଟ ଓ ଚିତ୍ରକୋଣ୍ଡା ଅଞ୍ଚଳରେ ଅଧିକ ପରିମାଣରେ ମଣ୍ଡା ଦେଖାଯାନ୍ତି। ଏକଦା ଚାଷବାସ ପାଇଁ ମାଲଭୂମିରେ ମଣ୍ଡା ମଇଁଷଙ୍କ ଅଧିକା ଚାହିଦା ରହିଥିଲା। କୃଷି କାର୍ଯ୍ୟରେ ମେସିନର ବ୍ୟବହାର ପରେ ଗୁରୁତ୍ୱ ହ୍ରାସ କରିଛି ଯାହାର ଫାଇଦା ନେଇ ଗୋ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ବିଭିନ୍ନ ଗୋରୁ ହାଟରୁ ପ୍ରତି ସପ୍ତାହରେ ମାଫିଆ ଗୋରୁ ସହ ମଣ୍ଡା ମଇଁଷିକୁ କିଣି ନେଉଛନ୍ତି। ଜଙ୍ଗଲ ଓ ରାଜରାସ୍ତାରେ ଚଲାଇ ଓଡ଼ିଶା ସୀମା ପାର କରାଉଛନ୍ତି। ପ୍ରତି ଗୋଠରେ ୨୦୦ରୁ ଊର୍ଦ୍ଧ୍ୱ ଗୋରୁ ଚାଲାଣ ହେଉଥିବା ବେଳେ ସେ ଭିତରେ ୫୦ରୁ ୬୦ ମଣ୍ଡା ମଇଁଷି ରହିଥାନ୍ତି। ହାଇଦ୍ରାବାଦର ନାମୀଦାମୀ ହୋଟଲରେ ମଣ୍ଡା ମଇଁଷି ମାଂସର ଢେର ଚାହିଦା ରହିଛି। ସେଠାରେ ଏହି ମାଂସ କିଲୋ ୪୦୦ରୁ ୫୦୦ ଟଙ୍କାରେ ବିକ୍ରି ହୋଇଥାଏ। ଦଲାଲ ମାଲକାନଗିରି ଓ କୋରାପୁଟରୁ ଗୋଟିଏ ମଣ୍ଡା ମଇଁଷିକୁ ୮ରୁ ୯ ହଜାର ଟଙ୍କାରେ କିଣି ୨୦ ହଜାରରେ ବିକ୍ରି କରିଥାନ୍ତି। ମଣ୍ଡା ମଇଁଷିର ଓଜନ ୪ କ୍ୱିଣ୍ଟାଲରୁ ୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ହୋଇଥାଏ। ମଣ୍ଡାର ଶିଙ୍ଗ ଔଷଧ ଭାବେ କାମ କରୁଥିବାର ଏହାର ଦାମ ଅଧିକା। ମାଲକାନଗିରି ଜିଲ୍ଲାର କୋୟା ସଂପ୍ରଦାୟର ଲୋକେ ଏହି ଶିଙ୍ଗକୁ ସଂଗ୍ରହ କରି ବାଦ୍ୟଯନ୍ତ୍ରରେ ବ୍ୟବହାର କରିଥାନ୍ତି। ଗତ ୫ବର୍ଷରେ ମଣ୍ଡା ମଇଁଷିଙ୍କ ସଂଖ୍ୟା ୫୦ ପ୍ରତିଶତକୁ ଖସି ଆସିବା ପରେ ମଧ୍ୟ ଏହାର ସରଂକ୍ଷଣ ପାଇଁ ସରକାର ଚିନ୍ତା କରୁନାହାନ୍ତି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଗଗନ ନାୟକ ମଣ୍ଡା ମଇଁଷିଙ୍କ ସଂଖ୍ୟା ହ୍ରାସକୁ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ମଣ୍ଡା ମଇଁଷିକୁ ଛାଡ଼ିଲେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମୋଟ ୧ ଲକ୍ଷ ୪୩ ହଜାର ୫୬୯ଟି ବିଭିନ୍ନ ପ୍ରକାର ମଇଁଷି ରହିଛନ୍ତି।

# ଏଆଇଟିୟୁସି ତରଫରୁ କେନ୍ଦୁଝର ଜିଲ୍ଲା ଶ୍ରମଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

କେନ୍ଦୁଝର,୧୯/୧୧ (ନି.ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ଫ୍ୟାକ୍ଟ୍ରି ଆକ୍ଟ୍ ଅଧିନୀୟମ ଧାରା ୫୧ ଓ ୫୪କୁ ସଂଶୋଧନ କରି ଶ୍ରମିକମାନଙ୍କର ଦୈନିକ କାର୍ଯ୍ୟ ଦିବସ ୮ ଘଂଟା ପରିବର୍ତ୍ତେ ୧୦ ଘଂଟାକୁ ବୃଦ୍ଧି କରିବା ସହିତ ମାସିକ ଓଭର ଟାଇମ କାର୍ଯ୍ୟ ୧୧୫ ୧୫ ଘଂଟାରୁ ୧୪୪ ଘଂଟାକୁ ବୃଦ୍ଧି କରିଛନ୍ତି। ଏହା ସହିତ ମହିଳାମାନଙ୍କୁ ରାତ୍ରୀ ସିଫ୍ଟରେ କାମ କରିବାର ଅନୁମତି ଦିଆଯାଇଛି। ରାଜ୍ୟସରକ ସରକାରଙ୍କ ଏହି ଶ୍ରମବିରୋଧୀ ନିଷ୍ପତି ତ୍ୟାହାର ପାଇଁ ରାଜ୍ୟବ୍ୟାପି ଆନ୍ଦୋଳନର ଡାକରା ଦିଆଯାଇଛି। ସୂଚନା ଯୋଗ୍ୟ ଯେ, ଶହ ଶହ ବର୍ଷର ଦୁର୍ବାର ଶ୍ରମିକ ଆନ୍ଦୋଳନର ଫଳସ୍ୱରୂପ ସମଗ୍ର ଦେଶରେ ଶ୍ରମିକ ମାନେ ଦୈନିକ ୮ ଘଂଟା କାମ କରିବା ବାର ଅଧିକାର ପାଇ ଆସିଛନ୍ତି। ଅଦ୍ୟାବଧି ଗୋଟିଏ ବି ଗଣତାନ୍ତ୍ରିକ ରାଷ୍ଟ୍ର ଏହି ନିୟମକୁ ପରିବର୍ତ୍ତନ କରିବାକୁ ସାହସ କରୁନାହାନ୍ତି। କଷ୍ଟଲ କଷ୍ଟଲବ୍ଧ ଶ୍ରମ ଅଧିକାରର ଉଲଂଘନ ଦଶନ୍ଧି ଦଶନ୍ଧି ଧରି ସଂଗ୍ରାମ ର ଫଳସ୍ୱରୂପ ଓ ବହୁ ପରୀକ୍ଷା ନିରୀକ୍ଷା ଓ ବୈଜ୍ଞାନିକ ତଥ୍ୟ ସମ୍ବଳିତ ମାନଦଣ୍ଡ ଅନୁସାରେ ଦୈନିକ ୮ ଘଂଟା କାର୍ଯ୍ୟ କରିବା ୮ ଘଂଟା ବିଶ୍ରାମ ନେବା ଓ ୮ ଘଂଟା ପରିବାର ଓ ନିଜ ପାଇଁ ସମୟ ସ୍ଥିର ହୋଇଛି। ଛି। ଏହି ନିୟମ ଯଦି ପରିବର୍ତ୍ତର୍ତ୍ତନ ହେବ ତାହାହେଲେ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ ହେବେ ବୋଲି ବହୁ ଗବେଷଣରୁ ଜଣାଯାଇଛି। ଦୈନିକ ୮ ଘଂଟାରୁ ଅଧିକ ସମୟ କାମ କଲେ ବୃତ୍ତିଗତ ସମସ୍ୟା ସହିତ ଶରୀରକୁ ରୋଗ ଓ ମାନସିକ ଚାପର ଶିକାର ହେବାକୁ ପଡିବ। କମ୍ପାନୀମାନେ ଦୈନିକ ୩ ସିଫ୍ଟ ରେ ୨ ସିଫ୍ଟ କାମ କରାଇବେ ଓ ସମସ୍ତ କାରଖାନା ଓ ଶିଳ୍ପରେ ଗୋଟିଏ ସିଫ୍ଟର ଶ୍ରମିକ ଛଟେଇ ହେବେ ଓ ଦେଶରେ ବେକାର ସଂଖ୍ୟା ବଢ଼ି ବଢ଼ି ଚାଲିବ। କାର୍ଯ୍ୟ ସମୟ ବୃଦ୍ଧି ହେଲେ ଶ୍ରମିକ ମାନେ ନିଜ ପରିବାର ପିଲାଙ୍କ ଶିକ୍ଷା ଓ ସାମାଜିକ କାର୍ଯ୍ୟରେ ଭାଗ ନେବାକୁ ବଂଚିତ ହେବେ। ଜିଲ୍ଲା ତଥା ରାଜ୍ୟ ଶ୍ରମିକମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ଶ୍ରମିକ ବିରୋଧୀ ନିଷ୍ପତ୍ତ ପ୍ରତ୍ୟାହାର ଦାବିରେ ଜିଲ୍ଲା ମଅଧିକାରୀଙ୍କ ମୁଖ୍ୟ ଫାଟକ ସମୁଖରେ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନ କରି ସମାବେଶରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ବିକ୍ଷୋଭକୁ ସମ୍ବୋଧନ କରି ତୁରନ୍ତ ଏହି ଶ୍ରମିକ ବିରୋଧୀ ନିଷ୍ପତ୍ତ ପ୍ରତ୍ୟାହାର ନହେଲେ ସମଗ୍ର ଜିଲ୍ଲାରେ ବ୍ୟାପକ ଆନ୍ଦୋଳନ ହେବା ସହ କାରଖାନା ଓ ଖଣିରୁ ପରିବହନ ବନ୍ଦ କରାଯିବ ବୋଲି କଡା ଚେତାବନୀ ଦେଇଥିଲେ। ଜିଲ୍ଲାଉପସାଧାରଣ ସମ୍ପାଦକ କପିଳ ମହାନ୍ତି, ଶ୍ରମିକ ନେତା ଶ୍ରୀ ହରି ଘଣା, କାହ୍ନୁ ଚରଣ ସାମଲ ହୃଦା ପାତ୍ର, ରାଜାରାମ ମୁଣ୍ଡା, ବିରଂଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ଖଗେଶ୍ୱର ମହାନ୍ତି ପ୍ରମୁଖ ବିକ୍ଷୋଭରେ ନିଜ ନିଜର ମତବକ୍ତବ୍ୟ ପ୍ରଦାନ କରିଥିଲେ।

## ଜିଲାସ୍ତରୀୟ ସମବାୟ ଉତ୍ସବ ପାଳିତ

ଜୟପୁର,୧୯/୧୧ (ନି.ପ୍ର): ଜୟପୁର ଗାନ୍ଧୀ ଛକ ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ଜିଲା ସ୍ତରିୟ ସମବାୟ ଉତ୍ସବ ପାଳିତ ହୋଇଛି । ଉପନିବନ୍ଧକ ସମବାୟ ସମିତି ସମୂହ କୋରାପୁଟ ବିଭାଜନ ଜୟପୁର ତରଫରୁ ଆୟୋଜିତ କାଯ୍ୟକ୍ରମରେ ଏଠାରେ ମୁଖ୍ୟ ଅତିଥି ଭାବେ ସମବାୟ ସମିତି ସମୂହ ଜୟପୁର ମଣ୍ଡଳର ସହକାରି ମହା ସମିକ୍ଷକ କୈଳାସ ଚନ୍ଦ୍ର ଜାନୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ କୃଷି ଅଧିକାରି ଲଲାଟେନ୍ଦୁ ମହାପାତ୍ର, କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲ୍ଲିକ, ଡିଆରସିଏସ ମୋନିକା ରାୟ ଉପସ୍ଥିତ ଥିଲେ । ଆତ୍ମ ନିର୍ଭର ଭାରତ ପାଇ ସମବାୟ ଏକ ମାଧ୍ୟମ ଉପରେ ଆଲୋଚନା କରାଯାଇଥିଲା । ଏହି ଉତ୍ସବ ରେ ଜିଲା ସ୍ତରିୟ ବିଭିନ୍ନ ସମବାୟ ସମିତିର ସଭ୍ୟ ସଭ୍ୟା, କମିଟିର ସଦସ୍ୟ ସଦସ୍ୟା, ସମବାୟ ବିତ ମାନେ ଉପସ୍ଥିତ ଥିଲେ ।

# ନରଣପୁରଠାରେ ଜିଲ୍ଲାସ୍ତରୀୟ ଛାତ୍ରୋତ୍ସବ, "ସରଗିଫୁଲ -୨୦୨୫" ଓ ବିଜ୍ଞାନମେଳା ଉଦ୍‌ଘାଟିତ

କେନ୍ଦୁଝର,୧୯/୧୧ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ, କେନ୍ଦୁଝର ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଛାତ୍ରୋତ୍ସବ ସରଗିଫୁଲ ଓ ବିଜ୍ଞାନମେଳା -୨୦୨୫ ବୁଧବାର ଦିନ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ପିଲାମାନଙ୍କଠାରେ ଥିବା ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ସରଗିଫୁଲ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ । ସରଗିଫୁଲ ଜଙ୍ଗଲ ଏକ ମୂଲ୍ୟବାନ ଫୁଲ । ତାର ପତ୍ର,ଚେର,ଫଳ ଏବଂ ଛାଲି ବହୁତ ବ୍ୟବହାରରେ ଆସେ । ସରଗିଫୁଲ ଆଦିମ ଆଦିବାସୀମାନଙ୍କ ଜୀବନ ସହ ଅଙ୍ଗାଙ୍ଗିଭାବେ ଜଡିତ ।ସରଗିଫୁଲ ନାମକୁ ସଂଯୋଗ କରି ଛାତ୍ରୋତ୍ସବ "ସରଗିଫୁଲ -୨୦୨୫" ଓ ବିଜ୍ଞାନମେଳା ଆୟୋଜନ କରିବା ସରକାରଙ୍କର ଏକ ଅଭିନବ ପଦକ୍ଷେପ । ଆଦିବାସୀ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ବଣର ସରଗିଫୁଲ ବାସ୍ନା ଚହଟେଇବା ପାଇଁ ଏବଂ ସେମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ଶ୍ରୀଯୁକ୍ତ ମିଶ୍ର ନିଜ ବକ୍ତବ୍ୟରେ ମତ ରଖିଥିଲେ । ବିଜ୍ଞାନମେଳାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଛି,ପିଲାମାନଙ୍କ ଦ୍ୱାରା ହେଉଥିବା ଅନେକ ନୂଆ ନୂଆ ପ୍ରକଳ୍ପରେ ପ୍ରତିଭା ଭରି ରହିଛି ଏବଂ ସେହି ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ଶିକ୍ଷକ ସମାଜ ଯତ୍ନ ନେଲେ ସେମାନେ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଆଇଟିଡିଏ,ଚମ୍ପୁଆର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଏଭଳି ଏକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚିତ କରିବା ପାଇଁ ପ୍ରକୃଷ୍ଟ କ୍ଷେତ୍ର ବୋଲି ବର୍ଣ୍ଣନା କରିଥିଲେ । ବିଜ୍ଞାନ ମେଳାରେ କୁନି ବୈଜ୍ଞାନିକଙ୍କ ଦ୍ୱାରା ହୋଇଥିବା ଅନେକ ପ୍ରକଳ୍ପରେ ଉନ୍ନତ ଚିନ୍ତାଧାରା ପରିପ୍ରକାଶରେ ସୁଯୋଗ ସୃଷ୍ଟି କରିଛି ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତୀ ଯୋଗ ଦେଇ ଆଦିବାସୀମାନେ ପ୍ରକୃତି ପ୍ରିୟ ଅଟନ୍ତି । ପ୍ରାକୃତିକ ଜ୍ଞାନର ପ୍ରୟୋଗ କରି ସେମାନେ ଜୀବନ ବଞ୍ଚିବାକୁ ଭଲ ପାଆନ୍ତି । ସେମାନଙ୍କୁ ସେମାନଙ୍କର ପରିବେଶରେ ବିକଶିତ ହେବା ପାଇଁ ସୁଯୋଗ ଦିଆଯିବା ଦରକାର । ବଣଜଙ୍ଗଲ ଛାଡି ସହରମାନଙ୍କରେ ବିସ୍ଥାପିତ ହେଲେ ଆଦିବାସୀମାନଙ୍କ ସମସ୍ୟାର ସମାଧାନ ହେବ ନାହିଁ କି ବିକାଶ ହେବ ନାହିଁ । ଅରଣ୍ୟର ବିକାଶ ହିଁ ଆଦିବାସୀମାନଙ୍କ ବିକାଶ ବୋଲି ଶ୍ରୀ ଚକ୍ରବର୍ତ୍ତୀ ନିଜ ଅଭିଭାଷଣରେ କହିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜୋନ ଶିକ୍ଷା ମଣ୍ଡଳକ୍ଷଧିଶ ସଞ୍ଜିତା ବେହେରା, ଯୋଗ ଦେଇ ସରଗିଫୁଲ ଭଳି କାର୍ଯ୍ୟକ୍ରମ ଯୋଗୁଁ ଜିଲ୍ଲାସ୍ତରରେ ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରୁଥିବାରୁ ବହୁ ଲୁକ୍କାୟିତ ପ୍ରତିଭା ଚୟନ କରାଯାଇପାରିଛି । ଏହି ପ୍ରତିଭାମାନେ ରାଜ୍ୟସ୍ତରରେ ମଧ୍ୟ ସଫଳତା ହାସଲ କରି ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବାରୁ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କୁ ସେ ଧନ୍ୟବାଦ ଜଣାଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ-୨୦୨୫ ଶୁଭାରମ୍ଭ

କେନ୍ଦୁଝର,୧୯/୧୧ (ନି.ପ୍ର): ଜିଲ୍ଲା ପ୍ରଶାସନ, କେନ୍ଦୁଝରଙ୍କ ଆନୁକୂଲ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କେନ୍ଦୁଝରଙ୍କ ସଭାପତିତ୍ୱରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟ "ଆମ ଶୌଚାଳୟ, ଆମ ଭବିଷ୍ୟତ" ରଖାଯାଇଛି ଏବଂ ଏହି କାର୍ଯ୍ୟକ୍ରମ ୧୯ନଭେମ୍ବର ରୁ ଆରମ୍ଭ ହୋଇ ଆସନ୍ତା୧୦ ଡ଼ିସେମ୍ବର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବଧି ମଧ୍ୟରେ ବଂଚିତ ଥିବା ସମସ୍ତ ଯୋଗ୍ୟହିତାଧିକାରୀଙ୍କୁ ଚିହ୍ନଟକରି ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିବା ସହିତ ଏହିଗୁଡ଼ିକର ସମସ୍ତ ନିର୍ମାଣ କାର୍ଯ୍ୟ ଏବଂ ବାକିଥିବା ଗୋଷ୍ଠୀସ୍ତରୀୟ ଶୌଚାଳୟଗୁଡ଼ିକର ନିର୍ମାଣ ଆସନ୍ତା ୩୧ ଡ଼ିସେମ୍ବର ମଧ୍ୟରେ ସମାପ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି । ଏଥିସହିତ ବିଭିନ୍ନ ଅନୁଷ୍ଠାନ ଯଥା, ବିଦ୍ୟାଳୟ, ଅଙ୍ଗନୱାଡ଼ିକେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଇତ୍ୟାଦିରେ ଶୌଚାଳୟଗୁଡ଼ିକର ସର୍ଭେକରି ଆବଶ୍ୟକସ୍ଥଳେ ଏହାର ଉପଲବ୍ଧତତା ସୁନିଶ୍ଚିତ କରାଇବା ସହ ଗ୍ରାମାଂଚଳରେ ଥିବା ବ୍ୟକ୍ତିଗତ ଘରୋଇ ପାଇଖାନା, ଆନୁଷ୍ଠାନିକ ତଥା ଗୋଷ୍ଠୀସ୍ତରୀୟ ଶୌଚାଳୟ ଗୁଡ଼ିକର ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଓ ଏହାର ସୌନ୍ଦର୍ଯ୍ୟକରଣ ବା ଚିତ୍ରିତ କରିବା ଏବଂ ଏହାର ବ୍ୟବହାର / କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ତଥା ଗ୍ରାମ ବା ଗ୍ରାମପଂଚାୟତ ସ୍ତରରେ ସଚେତନତା ସଭା, ପଥପ୍ରାନ୍ତ ନାଟକ, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟମାନଙ୍କରେ ବିଭିନ୍ନ ପ୍ରତିଯୋଗିତାମାନ ଆୟୋଜନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏଥିସହିତ ଗ୍ରାମପଂଚାୟତ ଏବଂ ପଂଚାୟତ ସମିତିସ୍ତରରେ ସର୍ବୋତ୍କୃଷ୍ଟ ସୌନ୍ଦର୍ଯ୍ୟକରଣ ବା ଚିତ୍ରିତ ବ୍ୟବହାରଯୋଗ୍ୟ ବ୍ୟକ୍ତିଗତ ଘରୋଇ ପାଇଖାନା ଏବଂ ଗୋଷ୍ଠୀସ୍ତରୀୟ ଶୌଚାଳୟଗୁଡ଼ିକୁ ପୁରୋସ୍କୃତ କରିବା ସହିତ ଜିଲ୍ଲାସ୍ତରକୁ ମନୋନୀତକରି ପଠାଇବାପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ପଂଚାୟତ ସମିତି ସହାୟକ ନିର୍ବାହୀ ଯନ୍ତ୍ରୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ-ମନରେଗା, ଜିଲ୍ଲା ପରିମଳ ପରାମର୍ଶଦାତା ଏବଂ ଜିଲ୍ଲାପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପଂଚାୟତିରାଜ ମନ୍ତ୍ରୀ

ସମ୍ବଲପୁର,୧୯/୧୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକର ବଡରମା ପଂଚାୟତ କୁତବ ଗ୍ରାମରେ ଗତ ୧୧ ତାରିଖ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଦୁଇଜଣଙ୍କ ପରିବାରକୁ ସ୍ଥାନୀୟ ବିଧାୟକ ତଥା ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଭେଟି ସମବେଦନା ଜଣାଇଛନ୍ତି । ସୂଚନାଯୋଗ୍ୟ ହାତୀ ଆକ୍ରମଣରେ ପ୍ରଦୀପ୍ତ ଘଟୁଆଳ ଓ ଗଙ୍ଗାରାମ ପଟେଲଙ୍କର ଘଟଣା ସ୍ଥଳରେ ଶୋଚନୀୟ ମୃତ୍ୟୁ ଘଟିଥିଲା । ବର୍ତ୍ତମାନ ଦୁଇ ମୃତକଙ୍କ ପରିବାର ଯେଉଁ ଅସହ୍ୟ ପରିସ୍ଥିତି ମୁହାଁ ହେଇଛନ୍ତି, ତାହାକୁ ଆତି ନିକଟରୁ ଅନୁଭବ କରି ମନ୍ତ୍ରୀ ଫରେଷ୍ଟ ଅଫିସରଙ୍କ ସହ ସରକାରଙ୍କ ନିର୍ଧାରିତ କ୍ଷତିପୂରଣ ରାଶି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପେକ୍ଷୀରେ ମନ୍ତ୍ରୀ ଗ୍ରାମବାସୀଙ୍କ ସହ ଗ୍ରାମର ବିଭିନ୍ନ ଉନ୍ନୟନ, ହାତୀ ଆକ୍ରମଣ ନିବାରଣ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଏବଂ ଅନ୍ୟାନ୍ୟ ମୂଳଭୂତ ସମସ୍ୟା ବାବଦରେ ଗ୍ରାମବାସୀଙ୍କ ମତାମତ ନେଇଥିଲେ। ମନ୍ତ୍ରୀଙ୍କ ଏହି ପରିଦର୍ଶନ ବେଳେ ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠି, ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, ଜମନକିରା ଥାନା ଆଇ.ଆଇ.ସି ପଦ୍ମାଳୟା ସାହୁ, ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ବଡ଼ରମା ସରପଂଚ ବିଜୟ ନାଏକ, ବଡ଼ରମା ସମିତି ସଭ୍ୟ ଅଶୋକ ବାଘ, ଅମୋଘ ପାଣିଗ୍ରାହୀ, ମନୋଜ ମାଝୀ, ବୀରେନ୍ଦ୍ର ଚୌଧୁରୀ, ସୁନୀଲ ମୁଦୁଲି ଓ ଗଣମାଧ୍ୟମ ପ୍ରତିନିଧି ଲିପନ୍ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ ଗ୍ରାମବାସୀଙ୍କ ସହିତ ଗ୍ରାମର ରାସ୍ତା, ମୋବାଇଲ ନେଟୱର୍କ, ଷ୍ଟ୍ରୀଟ ଲାଇଟ୍ ଭଳି ମୌଳିକ ସମସ୍ୟାର ସମାଧାନ ପ୍ରତି ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରି ଏହାର ସମାଧାନ ପାଇଁ ବିଭାଗୀୟ ଆଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଉଭୟ ମୃତକଙ୍କ ପରିବାରଙ୍କୁ କିଭଳି ସମସ୍ତ ସରକାରୀ ସୁବିଧା ମିଳିବ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ କହିଥିଲେ। ଗ୍ରାମବାସୀଙ୍କୁ ନିଶ୍ଚିତ କରି ଗ୍ରାମର ସାମଗ୍ରିକ ଉନ୍ନତି, ସୁରକ୍ଷା ବଢ଼ାଇବା ଏବଂ ସରକାରୀ ଯୋଜନା ଗୁଡ଼ିକ ପହଂଚାଇବା ପାଇଁ ଲୋକଙ୍କ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇ ଫେରିଥିଲେ।

# ଯୌତୁକ ନିରୋଧ ଆଇନ କର୍ମଶାଳା ଅନୁଷ୍ଠିତ

ପୁରୀ ,୧୯/୧୧ (ନି.ପ୍ର): ଯୌତୁକ ଏକ ସାମାଜିକ ବ୍ୟାଧି।ଏହା ସମାଜ ପାଇଁ ଏକ କଳଙ୍କ ସଦୃଶ୍ୟ।ବ୍ୟାପକ ସଚେତନତା ଦ୍ୱାରା ହିଁ ଏହାର ନିରାକରଣ ସମ୍ଭବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି।ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଯୌତୁକ ନିରୋଧ ଆଇନ ୧୯୬୧ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ଏହି ସାମାଜିକ କଳଙ୍କ କୁ ସମାଜ ରୁ ଦୂରେଇବା ଆମ ସମସ୍ତ ଙ୍କ ଦାୟିତ୍ୱ ବୋଲି କହିଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୌତୁକ ର ସଂଜ୍ଞା ବର୍ତ୍ତମାନ ବଦଳିବାରେ ଲାଗିଛି ବୋଲି କହିଥିଲେ। ଝିଅ କୁ ଉପହାର ଦିଆଯାଉଛି ବୋଲି ସଫେଇ ଦିଆଯାଇ ଏହା ଯୌତୁକ ପର୍ଯ୍ୟାୟ ଭୁକ୍ତ ନୁହେଁ ବୋଲି ଦର୍ଶାଯାଉଛି। ଆଇନତଃ ଯୌତୁକ ଦେବା ଓ ନେବା ଉଭୟ ବେଆଇନ।ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ସହ ଯୌତୁକ କୁ ହଟାଯାଇ ଏକ ଯୌତୁକ ବିହୀନ ସୁନ୍ଦର ସମାଜ ଗଠନରେ ସମସ୍ତେ ସହାୟକ ହେବାକୁ ସେ ଅନୁରୋଧ କରିଥିଲେ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଡିଏସପି ସସ୍ମିତା ବେହେରା, ବିଷୟ ବିଷାରଦ ତଥା ଅଧିବକ୍ତା ମୋହନ ସୁନ୍ଦର ଜେନା, ଶୁଭ୍ରାନ୍ତ କୁମାର ମିଶ୍ର, ତପନ କୁମାର ପ୍ରମୁଖ ଯୋଗ ଦେଇ ଯୌତୁକ ର ସଂଜ୍ଞା, କାରଣ, ନିରାକରଣ, ଅଭିଯୋଗ ପ୍ରକ୍ରିୟା, ସମାଧାନ ବ୍ୟବସ୍ଥା, ଆଇନ ର ବ୍ୟବସ୍ଥା,କ୍ଷତିଗ୍ରସ୍ତ ଙ୍କୁ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତେବେ ପାରସ୍ପରିକ ସମନ୍ୱୟ, ସହଯୋଗ, ସୁସ୍ଥ ସହାବସ୍ଥାନ ଓ ବୁଝାମଣା ଦ୍ୱାରା ଦାମ୍ପତ୍ୟ ଜୀବନ ଓ ଉଭୟ ପରିବାର ଖୁସି ରେ ରହିପାରିବେ ବୋଲି ସମସ୍ତେ ମତ ଦେଇଥିଲେ।ଲୋପିତା ମିଶ୍ର, ମୈତ୍ରୀ ସ୍ୱାଇଁ ପଞ୍ଜିକରଣ ରେ ସହଯୋଗ କରିଥିବା ବେଳେ ସୁରକ୍ଷା ଅଧିକାରୀ ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ, ସୁପରଭାଇଜର ବାଲ୍ୟବତୀ ମହାନ୍ତି ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ସିଡିପିଓ, ସୁପରଭାଇଜର, ୱାନ ଷ୍ଟପ ସେଣ୍ଟରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ଇଣ୍ଟରାକ୍ଟ କ୍ଲବ୍ ଜୟପୁର ପ୍ରାଥମିକ ବିଦ୍ୟାଳୟରେ 'ପ୍ରତ୍ୟକ୍ଷ ଦିଲ ସେ ଖୁସି' ସମୟ ଆଲୋଚନା ଆୟୋଜିତ

ଜୟପୁର,୧୯/୧୧ (ନି.ପ୍ର): ପ୍ରକାଶ ବିଦ୍ୟାଳୟର ଇଣ୍ଟରାକ୍ଟ କ୍ଲବ୍, ଜୟପୁର ରୋଟାରୀ କ୍ଲବ୍ ସହିତ ମିଳିତ ଭାବରେ ପାୱାର ହାଉସ୍ କଲୋନି ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ପ୍ରତ୍ୟକ୍ଷ ଦିଲ ସେ - ସ୍କୁଲ ପିଲାମାନଙ୍କ ସହିତ ଖୁସି ସମୟ ଆଲୋଚନା' ଶୀର୍ଷକ ଏକ ସମ୍ପ୍ରଦାୟ ପ୍ରସାର କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଅନ୍ତର୍ଜାତୀୟ ଇଣ୍ଟରାକ୍ଟ ସପ୍ତାହ ୨୦୨୫ ର ଏକ ଅଂଶ ଭାବରେ ଆୟୋଜିତ ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ଇଣ୍ଟରାକ୍ଟ ସଦସ୍ୟ ଏବଂ ଯୁବ ସ୍କୁଲ ପିଲାଙ୍କ ମଧ୍ୟରେ ଏକ ଉଷ୍ମ ଏବଂ ଅର୍ଥପୂର୍ଣ୍ଣ ଆଲୋଚନା ସୃଷ୍ଟି କରିବା। ଏହି କାର୍ଯ୍ୟକ୍ରମରେ ୩୦ ଜଣ ଇଣ୍ଟରାକ୍ଟ ସଦସ୍ୟ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟର ୭୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଏବଂ କର୍ମଚାରୀମାନେ ସମଗ୍ର ସ୍ଥାନରେ ଉପସ୍ଥିତ ଥିଲେ, ସେମାନଙ୍କର ସମର୍ଥନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସାକ୍ଷରତା, ସାଂସ୍କୃତିକ ଶିକ୍ଷା, ସମ୍ପ୍ରଦାୟ ବନ୍ଧନ ଏବଂ ଆନନ୍ଦଦାୟକ ଆଲୋଚନାକୁ ପ୍ରୋତ୍ସାହିତ କରାଯାଇଥିଲା। ଅଧିବେଶନରେ ସମସ୍ତ ବୟସ ଗୋଷ୍ଠୀର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଘର ଏବଂ ବାହାର ଖେଳ ସମେତ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକଳାପ ପ୍ରଦର୍ଶିତ ହୋଇଥିଲା। ଇଣ୍ଟରାକ୍ଟ ସଦସ୍ୟ ଏବଂ ସ୍କୁଲ ପିଲାମାନଙ୍କ ଦ୍ୱାରା ଗୀତ, କବିତା ଏବଂ ଛୋଟ ଛୋଟ ପ୍ରଦର୍ଶନ ମାଧ୍ୟମରେ ସାଂସ୍କୃତିକ ଆଦାନପ୍ରଦାନ କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲା। ଖାଦ୍ୟ ଏବଂ ପାନୀୟ ପରିବେଷଣ ଅନୌପଚାରିକ ଆଲୋଚନା ଏବଂ ସାହଚର୍ଯ୍ୟ ପାଇଁ ଏକ ଆରାମଦାୟକ ପରିବେଶ ସୃଷ୍ଟି କରିଥିଲା। ଶିକ୍ଷାଗତ ସହାୟତାର ଏକ ଅଂଶ ଭାବରେ, ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀଙ୍କୁ ଷ୍ଟେସନାରୀ କିଟ୍ ବଣ୍ଟନ କରାଯାଇଥିଲା। ଏହି ଚିନ୍ତନଶୀଳ ପଦକ୍ଷେପକୁ ସ୍କୁଲ ଦ୍ୱାରା ପ୍ରଶଂସା କରାଯାଇଥିଲା ଏବଂ ଯୁବ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଶୈକ୍ଷିକ ଯାତ୍ରାରେ ଉତ୍ସାହିତ କରିବାର ଉଦ୍ଦେଶ୍ୟକୁ ଆହୁରି ଦୃଢ଼ କରିଥିଲା। ପ୍ରକାଶ ବିଦ୍ୟାଳୟର ଇଣ୍ଟରାକ୍ଟ କ୍ଲବର ନିର୍ଦ୍ଦେଶକ ମଣ୍ଡଳୀ ଙ୍କ ନେତୃତ୍ୱରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ବୋର୍ଡରେ ପୁନିତ ପାଇକକ୍ରି ସଭାପତି ସୁଭମ ଖାଡଙ୍ଗା ସଚିବ, ସୋନାକ୍ଷୀ ପଟ୍ଟନାୟକ କୋଷାଧ୍ୟକ୍ଷ, ସ୍ୱାତୀ ରାଉତରାୟ ସମ୍ପାଦଦାତା ନିର୍ଦ୍ଦେଶକ, ପବନ କୁମାର ବାହାଦୁର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ସାମାଜିକ ସେବା ନିର୍ଦ୍ଦେଶକ ଜ୍ୟୋତିରାଦିତ୍ୟ ସୁବୁଦ୍ଧି ଏବଂ ଆଞ୍ଜେଲ ଶର୍ମା ଅଛନ୍ତି। କ୍ଲବ ପରାମର୍ଶଦାତା ଶିକ୍ଷକ ରାମାନୁଜ ବେହେରାଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମର ସଫଳ ସମାପ୍ତି ସୁନିଶ୍ଚିତ କରିବା ପାଇଁ ବୋର୍ଡର ସମସ୍ତ ସଦସ୍ୟ ମିଳିତ ଭାବରେ କାର୍ଯ୍ୟ କରିଥିଲେ। ରୋଟାରୀ କ୍ଲବ ଅଫ୍ ଜୟପୁରର ସଭାପତି ଏବଂ ସଚିବ, ଜଗ୍ଗଭ ଦ୍ୱାରା ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅମର ବୁଧୱାର ଏବଂ ଆର୍ଟିଏନ୍ ନାରାୟଣ ନିସୋଙ୍କୋ, ସମସ୍ତ ଯୋଜନାବଦ୍ଧ କାର୍ଯ୍ୟକଳାପକୁ ସୁଗମ ଭାବରେ ସମ୍ପାଦନ କରିବାକୁ ସକ୍ଷମ କରିଥିଲେ। ଇଣ୍ଟରାକ୍ଟ କ୍ଲବ ସଭାପତି ପୁନିତ ପାୟିକାଙ୍କି ତାଙ୍କର ସନ୍ତୋଷ ପ୍ରକାଶ କରି କହିଥିଲେ, ଏକ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ନଥିଲା - ଏହା ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କ ପାଇଁ ଏକ ହୃଦୟସ୍ପର୍ଶୀ ମୁହୂର୍ତ୍ତ ଥିଲା। ପିଲାମାନଙ୍କ ସହିତ ଆଲୋଚନା କରିବା ଏବଂ ସେମାନଙ୍କ ଆନନ୍ଦ ଏବଂ ଶିକ୍ଷାରେ ଯୋଗଦାନ ଦେବା ପ୍ରକୃତରେ ଆମେ ବିଶ୍ୱାସ କରୁଥିବା ସେବା ମନୋଭାବକୁ ପ୍ରତିଫଳିତ କରିଥିଲା।"

# ମଦନପୁର ପଂଚାୟତରେ ଧାନମଣ୍ଡି ଖୋଲିବା ନେଇ ଆନ୍ଦୋଳନ କଲେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

କେନ୍ଦୁଝର,୧୯/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ଠାରେ ନୂତନ ଧାନମଣ୍ଡି ଖୋଲିବା ପାଇଁ ଶତାଧିକ ଚାଷୀ ଦୀର୍ଘ ଦିନ ଧରି ସରକାର ଓ ପ୍ରଶାସନ ପାଖରେ ଦାବୀ କରିଆସୁଛନ୍ତି। ମଦନପୁର ପଂଚାୟତ ର ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ଚାଷୀ ୭ କିଲୋ ମିଟର ଖଲଣା ଧାନମଣ୍ଡୀ କୁ ଧାନ ଦେବାକୁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ବର୍ଷ ଧରି ବିଗତ ବିଜୁ ଜନତା ଦଳ ସରକାର ସମୟରେ ଚାଷୀ ମାନେ ଧାନମଣ୍ଡି ଖୋଲିବା ପାଇଁ ଦାବି କରିଥିଲେ ମଧ୍ୟ ଶୁଣି ନଥିଲେ। ଚଳିତ ବର୍ଷ ମଦନପୁର ପଂଚାୟତ ର ଚାଷୀ ମାନଙ୍କ ଦାବି ଫଳରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଆଜି ମଦନପୁର ଗ୍ରସ୍ତ କରି ଶତାଧିକ ଚାଷୀ ମାନଙ୍କ ସହିତ ଭେଟି ଆଲୋଚନା କରିଛନ୍ତି। ତତସହିତ ଧାନମଣ୍ଡୀ ଖୋଲିବା ପାଇଁ ପ୍ରସ୍ତାବିତ କୋଠା ଘର ପରିଦର୍ଶନ କରିଛନ୍ତି। ମଦନପୁର ଠାରେ ଧାନମଣ୍ଡି ଖୋଲିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଙ୍କ ସହିତ ଆଲୋଚନା କରିଛନ୍ତି। ତତସହିତ ଜିଲ୍ଲା ସମବାୟ ମୁଖ୍ୟ ଅଧିକାରୀ ଓ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମୁଖ୍ୟ ଅଧିକାରୀ ଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପରିଦର୍ଶନ କରିବା ସମୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ପୃଥ୍ୱିରାଜ କୁଅଁର, ସୁଧାଂଶୁ ଶେଖର କୁଅଁର, କଳାକାର ପେରେଇ, ରଘୁନାଥ କବି, ନରେନ ଖୁଂଟିଆ, ନାରାୟଣ ସାହୁ, କାଳନ୍ଦି ସାହୁ, ବାମନ ଚରଣ ସାହୁ, ଜଗବନ୍ଧୁ ପାଢୀ, ଏକାଦଶୀ ପଲେଇ, ଅଜୟ କୁମାର କୁଅଁର, ରମାକାନ୍ତ ନନ୍ଦ, ଦୀନବନ୍ଧୁ ମହାରଣା, ରଥ ବିହାରୀ ଦାସ, ଶରତ ଖଟୁଆ, ବନମାଳୀ ଖଟୁଆ, ଘନଶ୍ୟାମ ଖଟୁଆ, ଜଳଧର କୁଅଁର, ଗୋବର୍ଦ୍ଧନ କୁଅଁର, ସମ୍ବିତ୍ ରଞ୍ଜନ କୁଅଁର, ଦୁର୍ଯ୍ୟୋଧନ ସେଠୀ, ଦୁର୍ଯ୍ୟୋଧନ ଓଝା, କାଙ୍ଗାଳି କୁଅଁର, ମନ୍ମଥ ଦେହୁରୀ ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା



ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ । ୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ । ଆଜିର ସମୟରେ ୧୭ , ୧୮ ବର୍ଷର ପିଲାଙ୍କ ଚୁଟି ବି ପାଚି ଧଳା ହୋଇଯାଉଛି । ଏଭଳି ସ୍ଥିତିରେ କିଶୋରବସ୍ଥାରୁ ହିଁ ପିଲା ହେୟାର୍ ଡାଏ କରିବାରେ ଲାଗିପଡୁଛନ୍ତି । କିଏ କଲର୍ କରିବାକୁ ପସନ୍ଦ କରୁଛନ୍ତି ତ ଆଉ କିଏ କଳା । କିନ୍ତୁ ଏହାର ପରିଣତି କ'ଣ ହେଉଛି ଚୁଟିର ପ୍ରାକୃତିକ ଚମକ ମଧ୍ୟ ହ୍ରାସ ପାଉଛି ଏବଂ ଚୁଟି ଡ୍ରାଏ ହୋଇ ଝଡୁଛି । ତେବେ ଏମିତି ସ୍ଥିତିରେ ଆଜି ଆମେ ଆପଣଙ୍କୁ ଏହି ସମସ୍ୟାରୁ ଉପସମ ଦେବା ପାଇଁ ଏକ ଉପାୟ ବିଷୟରେ ଅବଗତ କରାଇବୁ



। ଚୁଟିରେ ଏହି ପେଷ୍ଟ୍ ଲଗାଇଲେ ପ୍ରାକୃତିକ କଳା ପାଇବା ସଙ୍ଗେ ସଙ୍ଗେ ଆପଣ ଡ୍ୟାମେଜ୍ ହେୟାରର ଜାଲରୁ ମଧ ବାହାରି ପାରିବେ । ଏହି ପେଷ୍ଟକୁ ପ୍ରସ୍ତୁତ କରିବା ପାଇଁ ନଡ଼ିଆ ତେଲରେ ଅଁଳା ପାଉଡର୍ ପକାଇ ଗ୍ୟାସ୍ ରେ କଳା ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ପେଷ୍ଟ୍ କଳା ହୋଇଗଲେ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ିଦିଅନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ଚୁଟିରେ ଲଗାଇ ପରଦିନ ଶାମ୍ପୁରେ ଚୁଟି ଧୋଇନିଅନ୍ତୁ । ଏହି ପେଷ୍ଟ୍ ଚୁଟିକୁ ପ୍ରାକୃତିକ କଳା କରିବା ସହ ଚମକ ମଧ ଦେଇଥାଏ । ଏହି ପେଷ୍ଟକୁ ଲଗାତାର ଲଗାନ୍ତୁ ଫରକ୍ ଜାଣିପାରିବେ ।

## ଗର୍ଭାଶୟରେ କ୍ୟାନସର ହୋଇଥିଲେ ଆରମ୍ଭରୁ ଦେଖାଦିଏ ଏହି ଲକ୍ଷଣ, ଜାଣି ରଖନ୍ତୁ ଥାର୍ଡ ଷ୍ଟେଜ୍ ପର୍ଯ୍ୟନ୍ତ ଚିକିତ୍ସା ସମ୍ଭବ



ଆଜିକାଲି ମହିଳାମାନଙ୍କ ମଧ୍ୟରେ ଗର୍ଭାଶୟ କ୍ୟାନସର ଦ୍ରୁତଗତିରେ ବୃଦ୍ଧି ପାଉଛି । ଏଥିରୁ ସୁରକ୍ଷା ପାଇଁ ସରକାରୀସ୍ତରରେ କିଶୋରୀ ଝିଅମାନଙ୍କୁ ମଧ ଟିକା ଦିଆଯାଉଛି । ଗର୍ଭାଶୟ କ୍ୟାନସର କାହିଁକି ହୁଏ ସେ ବିଷୟରେ ବର୍ତ୍ତମାନ ଗବେଷଣା ଚାଲିଛି । ତଥାପି ଏହା ନିଶ୍ଚିତ ଭାବରେ କିଛି ତଥ୍ୟ ପ୍ରକାଶ କରିଛି । ଏଥିରେ ୧୨ ବର୍ଷ ବୟସ ପୂର୍ବରୁ ଋତୁସ୍ରାବ, ୫୦ ବର୍ଷ ବୟସ ପରେ ଋତୁସ୍ରାବ ଏବଂ ଗର୍ଭଧାରଣ ନ ହେବା ଅନ୍ତର୍ଭୁକ୍ତ ହୋଇପାରେ । ଏହା ବ୍ୟତୀତ ସଂକ୍ରମଣ ଏବଂ କିଛି ଚିକିତ୍ସା ମଧ ଏହି ରୋଗ ସୃଷ୍ଟି କରିପାରେ ।

ଗର୍ଭାଶୟ କ୍ୟାନସର ଯେତେବେଳେ ସମସ୍ୟା ଅଧିକ ଗମ୍ଭୀର ହୁଏ ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ । କେତେବେଳେ ଏହା ଗର୍ଭାଶୟ ବାହାରେ ବ୍ୟାପିଯାଏ, ଯାହା ପରେ ଏହାର ଚିକିତ୍ସା କଷ୍ଟକର ହୋଇଯାଏ । ଗର୍ଭାଶୟ କ୍ୟାନସରର କିଛି ଲକ୍ଷଣ ଦେଖାଯାଏ । ସେହି ଲକ୍ଷଣଗୁଡ଼ିକୁ ଚିହ୍ନଟ କରାଯାଇ ପରୀକ୍ଷା କରାଯିବା ଉଚିତ୍ । ଯାହା ଦ୍ୱାରା ଏହାର ସମୟ ମଧ୍ୟରେ ଚିକିତ୍ସା ହୋଇପାରିବ ଏବଂ ଜୀବନ ପ୍ରତି କୌଣସି ବିପଦ ରହିବ ନାହିଁ । ଗର୍ଭାଶୟ କ୍ୟାନସରର ଆରମ୍ଭରେ କିଛି ଲକ୍ଷଣ ଦେଖାଯାଏ । ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ଅସ୍ୱାଭାବିକ ରକ୍ତସ୍ରାବ, ଋତୁସ୍ରାବ ପୂର୍ବରୁ କିମ୍ବା ପରେ ରକ୍ତସ୍ରାବ, ତଳି ପେଟରେ ଯନ୍ତ୍ରଣା ଏବଂ ଯୌନ ସମ୍ଭୋଗ ସମୟରେ ଯନ୍ତ୍ରଣା ଆଦି ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଥକ୍କାପଣ, ଓଜନ ହ୍ରାସ, ଭୋକ ନ ଲାଗିବା ମଧ ଏହାର ଲକ୍ଷଣ ହୋଇପାରେ । ଯଦି ଆପଣ ଗର୍ଭାଶୟ କ୍ୟାନସରର ଉପରୋକ୍ତ କାରଣଗୁଡ଼ିକ ସହିତ ଏହି ଲକ୍ଷଣଗୁଡ଼ିକ ଅନୁଭବ କରୁଛନ୍ତି, ତେବେ ସେଗୁଡ଼ିକୁ ଅଣଦେଖା ନ କରି ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ଗର୍ଭାଶୟ କ୍ୟାନସର ରୋକିବା ପାଇଁ, କିଶୋର ଅବସ୍ଥାରେ ଟିକା ନିଅନ୍ତୁ । ଯଦି ଆପଣଙ୍କର ଡାଇବେଟିସ୍ ଅଛି, ତେବେ ଆପଣଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖନ୍ତୁ । ଯୌନାଙ୍ଗର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ନିଅନ୍ତୁ । ଯଦି ଆପଣ କୌଣସି ପ୍ରକାରର ଅସୁବିଧା ଅନୁଭବ କରୁଛନ୍ତି, ତେବେ ଅସାବଧାନ ହୁଅନ୍ତୁ ନାହିଁ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ପ୍ରାଥମିକ ପର୍ଯ୍ୟାୟରେ ଗର୍ଭାଶୟ କ୍ୟାନସର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ । ଗର୍ଭାଶୟ କ୍ୟାନସରର ପାଞ୍ଚଟି ପର୍ଯ୍ୟାୟ ଅଛି । ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଏହାର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ ।

## ଜଳପାନର ଆବଶ୍ୟକତା

- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍ ।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।





## ଅଧିକ ବ୍ୟାୟାମ ବିପଦ



ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।

## ହୋଟେଲ ରୁମରେ କାହିଁକି ବିଛାଯାଇଥାଏ ହ୍ୱାଇଟ୍ ବେଡସିଟ୍ ?

ହୋଟେଲମାନଙ୍କରେ ପ୍ରାୟତଃ ଧଳା ବେଡସିଟ୍ ବିଛାଯାଇଥିବା ଆପଣମାନେ ନିଶ୍ଚିତ ଦେଖିଥିବେ । ସମସ୍ତ ହୋଟେଲରେ ଧଳା ଚାଦର କାହିଁକି ବିଛାଯାଇଥାଏ ବୋଲି ଆପଣଙ୍କ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ । ତେବେ ଆସନ୍ତୁ ଜାଣିବା ହୋଟେଲ ରୁମର ବେଡରେ କାହିଁକି ଧଳା ଚାଦର ବିଛାଯାଇଥାଏ ଓ ଅନ୍ୟ ରଙ୍ଗର ଚାଦର କାହିଁକି ବ୍ୟବହାର କରାଯାଇନଥାଏ ?

ସବୁବେଳେ ଆମ ମନକୁ ଆସେ ଯେ, ଧଳା ବେଡସିଟ୍ ଅଧିକ ମଇଳା ହୋଇଯାଏ । କିନ୍ତୁ ଆପଣ ଜାଣନ୍ତି କି, ହୋଟେଲରେ ଧଳା ବେଡସିଟ୍ ରଖିବାର ସବୁଠାରୁ ବଡ କାରଣ ହେଉଛି ଏହାକୁ ସଫା କରିବା ଅତି ସହଜ । ତେବେ ହୋଟେଲ ରୁମ୍ ଗୁଡିକ ବ୍ଲିଚ୍ ଏବଂ କ୍ଲୋରାଇନରେ ଧୁଆଁଯାଇଥାଏ । ଏହି କାରଣରୁ ବେଡସିଟ୍ ସହଜରେ ସଫା ହୋଇଯାଏ ଏବଂ ଗଭୀର ଦାଗ ମଧ ବାହାର କରାଯାଇଥାଏ । ଯଦି ଏକ ରଙ୍ଗୀନ ଚାଦର ପକାନ୍ତି, ତେବେ ଏହାକୁ ବ୍ଲିଚରେ ଧୋଇହେବ ନାହିଁ, କାରଣ ନୀଳ ରଙ୍ଗରେ ରଖାଯିବାବେଳେ ରଙ୍ଗୀନ ସିଟ୍ ମଳିନ ପଡ଼ିଯିବ । ଏହା ବ୍ୟତୀତ ବ୍ଲିଚ୍ ଏବଂ କ୍ଲୋରାଇନ୍ ସହିତ ସଫା କରିବା ହେତୁ ଧଳା ଚାଦରରୁ କୌଣସି ପ୍ରକାରର ଗନ୍ଧ ଆସିନଥାଏ । ଏହା ସହ ଧଳା ରଙ୍ଗ ସବୁବେଳେ ବିଳାସପୂର୍ଣ୍ଣ ଜୀବନଶୈଳୀ ସହିତ ଜଡିତ ବୋଲି ବିବେଚନା କରାଯାଏ, ତେଣୁ ହୋଟେଲ ରୁମରେ ଧଳା ଚାଦର ରଖାଯାଏ । ଯାହାଦ୍ୱାରା ରୁମକୁ ବିଳାସପୂର୍ଣ୍ଣ ଲୁକ୍ ଦିଆଯାଇପାରିବ । ଏହା ବ୍ୟତୀତ ରୁମଟି ଧଳା ରଙ୍ଗରେ ଅଧିକ ବଡ଼ ଦେଖାଯାଏ, ତେଣୁ ଖଟ ଉପରେ ଧଳା ବେଡସିଟ୍ ବିଛାଯାଏ । କମ୍ ମୂଲ୍ୟରେ ଚାଦର କିଣିବା ପାଇଁ ଧଳା ରଙ୍ଗ ହେଉଛି ସର୍ବୋତ୍ତମ ବିକଳ୍ପ ।

***ଧଳା ରଙ୍ଗ ହେଉଛି ଶାନ୍ତିର ପ୍ରତୀକ :-***

ଧଳା ରଙ୍ଗ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସକରାତ୍ମକତା ଆଣିଥାଏ । ଏପରି ପରିସ୍ଥିତିରେ, ଧଳା ଚାଦର ଉପରେ ଶୋଇବା ମନକୁ ଶାନ୍ତ ରଖେ ଏବଂ ଲୋକମାନେ ଶାନ୍ତିରେ ଶୋଇଥାନ୍ତି । ମନକୁ ଶାନ୍ତ ରଖିବା ସହିତ ଧଳା ରଙ୍ଗ ହୃଦୟକୁ ଖୁସି ରଖିବାରେ ମଧ ସହାୟକ ହୋଇଥାଏ । ସେଥିପାଇଁ ଅଧିକାଂଶ ହୋଟେଲ ରୁମରେ କେବଳ ଧଳା ବେଡସିଟ୍ ବ୍ୟବହାର କରନ୍ତି । ହୋଟେଲ ରୁମର ବେଡ ଉପରେ ଧଳା ଚାଦର ବିଛାଇବାର ଅଭ୍ୟାସ ୯୦ ଦଶକ ପରେ ଆରମ୍ଭ ହୋଇଥିଲା ।



## କେଉଁ ସମୟରେ ଦରକାର ପଡିଥାଏ ଇନସୁଲିନ ?

ଅଗ୍ନାଶୟରେ ଉତ୍ପାଦିତ ଏକ ହରମୋନ ହେଉଛି ଇନସୁଲିନ । ଯାହା ବ୍ଲଡ ଗ୍ଲୁକୋଜକୁ ସନ୍ତୁଳିତ କରିବା ସହ ଶରୀରକୁ ଗ୍ଲୁକୋଜକୁ ଶକ୍ତି ଭାବେ ବ୍ୟବହାର କରିଥାଏ । ତେବେ ଏହା ପେଟର ତଳିଭାଗରେ ହେଉଥିବା ଏକ ଗ୍ଲାଣ୍ଡ । ଡାଇବେଟିସ ରୋଗୀମାନଙ୍କୁ ଅନେକ ସମୟରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଆସନ୍ତୁ ଜାଣିବା ଶରୀରରେ ଇନସୁଲିନର ଆବଶ୍ୟକତା କ'ଣ ଏବଂ କେବେ ପଡିଥାଏ ।

ଇନସୁଲିନ ମୁଖ୍ୟତଃ ବ୍ଲଡ ସୁଗାର ନିୟନ୍ତ୍ରଣ କରିଥାଏ । ଯେବେ ଆମ ଶରୀରରେ ରକ୍ତିରେ ଗ୍ଲୁକୋଜର ପରିମାଣ ଅଧିକ ହୁଏ, ତେବେ ଇନସୁଲିନ ଗ୍ଲୁକୋଜକୁ ଲିଭରରେ ଜମା କରିବା ଭଳି କାମ କରିଥାଏ । ତେବେ ବ୍ଲଡ ସୁଗାର କମ୍ ନ ହେବା ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିଥିବା ଗ୍ଲୁକୋଜ ବାହାରି ନଥାଏ । ମଣିଷ ଶରୀରରେ ଇନସୁଲିନର ସଠିକ ଉପଯୋଗ ନ ହେବା କିମ୍ବା ଶରୀରରେ ଇନସୁଲିନ ନିର୍ମାଣ ନ ହେବା ଦ୍ୱାରା ଡାଇବେଟିସ ଭଳି ରୋଗ ଦେଖା ଦେଇଥାଏ । ଏହି ସମୟରେ ଅତିରିକ୍ତ ଇନସୁଲିନର ବ୍ୟବହାର ଆବଶ୍ୟକ ହୁଏ ।ଡାଇବେଟିସ ମୁଖ୍ୟତଃ ଟାଇପ-୧ ଏବଂ ଟାଇପ-୨ ପ୍ରକାରର ହୋଇଥାଏ । ଟାଇପ-୧ ଡାଇବେଟିସ ଏକ ଅଟୋମ୍ୟୁନ ରୋଗ ଅଟେ । ଏହି ରୋଗରେ ଶରୀର ନିଜେ ନିଜ ଉପରେ ଆକ୍ରମଣ କରିଥାଏ । ଏହି ରୋଗ ସମୟରେ ।ଶୀର ସଠିକ ଭାବରେ ଇନସୁଲିନ ପ୍ରସ୍ତୁତ କରିପାରିନଥାଏ । କାରଣ ରକ୍ଷା କରୁଥିବା ସେଲ୍ସ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲ୍ସଗୁଡିକୁ କ୍ଷତି ପହଞ୍ଚାଇଥାନ୍ତି । ତେବେ ବିଶେଷ କରି ଯୁବବର୍ଗରେ ଏପରି ଡାଇବେଟିସ ଦେଖା ଦେଇଥାଏ । ସେହିପରି ଟାଇପ-୨ ଡାଇବେଟିସରେ ଶରୀରକୁ ସାଧାରଣଭବେ ରଖିବା ପାଇଁ ଅଧିକ ମାତ୍ରାରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଅଧିକ ଉତ୍ପାଦନ ପରେ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲଗୁଡିକ ଜଳିଯାଇଥାନ୍ତି । ତେବେ ଏହି ପ୍ରକାରର ଡାଇବେଟିସ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୧ ନଭେମ୍ବର ୨୦୨୫, ଶୁକ୍ରବାର


## କୋର୍ ସେକ୍ଟରର ନୈରାଶ୍ୟଜନକ ସ୍ଥିତି

ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ସଦୃଶ ବିବେଚନା କରାଯାଉଥିବା ଆଠଟି ମୂଳ ଶିଳ୍ପ ବା କୋର୍ ସେକ୍ଟରର ଅଭିବୃଦ୍ଧି ହାର ଅକ୍ଟୋବର ୨୦୨୫ରେ ଶୂନ ସ୍ତରରେ ପହଞ୍ଚିବା ଏକ ଗଭୀର ଚିନ୍ତାର ବିଷୟ ପାଲଟିଛି । ସଦ୍ୟ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ବିଗତ ୧୪ ମାସ ମଧ୍ୟରେ ଏହା ହେଉଛି ମୂଳ ଶିଳ୍ପଗୁଡ଼ିକର ସବୁଠାରୁ ନୈରାଶ୍ୟଜନକ ପ୍ରଦର୍ଶନ । ଦେଶର ଶିଳ୍ପ ଉତ୍ପାଦନ ସୂଚକାଙ୍କ ବା ଆଇଆଇପିରେ ପ୍ରାୟ ୪୦ ପ୍ରତିଶତ ଅଂଶଧନ ବହନ କରୁଥିବା ଏହି ଆଠଟି ପ୍ରମୁଖ କ୍ଷେତ୍ରର ଏଭଳି ନିଷ୍କ୍ରିୟତା ଦେଶର ସାମଗ୍ରିକ ଅର୍ଥନୈତିକ ପ୍ରଗତି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅକ୍ଟୋବର ମାସରେ ଏହି କ୍ଷେତ୍ରଗୁଡ଼ିକର ସମ୍ମିଳିତ ଅଭିବୃଦ୍ଧି ହାର ୦% ରେକର୍ଡ କରାଯାଇଛି, ଯାହାକି ପୂର୍ବ ବର୍ଷ ଅର୍ଥାତ ଅକ୍ଟୋବର ୨୦୨୪ରେ ୩.୮% ଏବଂ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ୩% ରହିଥିଲା । ଏହି ପରିସଂଖ୍ୟାନ କେବଳ ସଂଖ୍ୟାର ଖେଳ ନୁହେଁ, ବରଂ ଏହା ଦେଶର ଔଦ୍ୟୋଗିକ ସ୍ୱାସ୍ଥ୍ୟାବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ପ୍ରଦାନ କରୁଛି ଏବଂ ଆଗାମୀ ଦିନରେ ଅର୍ଥନୀତିର ଗତିପଥ କିଭଳି ରହିବ, ସେ ସମ୍ପର୍କରେ ଆମକୁ ସଚେତନ କରାଉଛି । ଏହି ଅଭିବୃଦ୍ଧି ହ୍ରାସର ମୁଖ୍ୟ କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଆଠଟି ମୂଳ ଶିଳ୍ପ ମଧ୍ୟରୁ ଚାରୋଟି କ୍ଷେତ୍ରରେ ଉତ୍ପାଦନ ସଙ୍କୁଚିତ ହୋଇଛି । ବିଶେଷକରି କୋଇଲା, ବିଦ୍ୟୁତ୍ ଶକ୍ତି, ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଅନ୍ୟ ପକ୍ଷରେ, ସିମେଣ୍ଟ, ଇସ୍ପାତ, ସାର ଏବଂ ରିଫାଇନାରୀ ଉତ୍ପାଦ କ୍ଷେତ୍ରରେ କିଛି ମାତ୍ରାରେ ସକାରାତ୍ମକ ଅଭିବୃଦ୍ଧି ଦେଖିବାକୁ ମିଳିଛି, ଯାହା ଅର୍ଥନୀତି ପାଇଁ ସାମାନ୍ୟ ଆଶ୍ୱସ୍ତିର କାରଣ ହୋଇପାରେ । କିନ୍ତୁ ସାମଗ୍ରିକ ଭାବେ ଦେଖିଲେ, ନକାରାତ୍ମକ ପ୍ରଦର୍ଶନର ଭାର ସକାରାତ୍ମକ ଦିଗକୁ ଚାପି ଦେଇଛି, ଯାହାର ଫଳସ୍ୱରୂପ ମୋଟ ଅଭିବୃଦ୍ଧି ଶୂନରେ ସୀମିତ ରହିଛି । ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ଯେତେବେଳେ ତ୍ୱରିତ ଅଭିବୃଦ୍ଧିର ଆବଶ୍ୟକତା ରହିଛି, ସେତେବେଳେ ଏଭଳି ସ୍ଥାଣୁତା ନିଶ୍ଚିତ ଭାବରେ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି । ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା କୋଇଲା ଏବଂ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ହ୍ରାସ । ଅକ୍ଟୋବର ମାସରେ କୋଇଲା ଉତ୍ପାଦନରେ ୮.୫% ଏବଂ ବିଦ୍ୟୁତ୍ ଉତ୍ପାଦନରେ ୭.୬% ହ୍ରାସ ଘଟିଛି । ବିଶେଷଜ୍ଞମାନଙ୍କ ମତରେ, ଏହି ସଙ୍କୋଚନ ପଛରେ ମୁଖ୍ୟତଃ ପାଣିପାଗର ଏକ ବଡ଼ ଭୂମିକା ରହିଛି । ଚଳିତ ବର୍ଷ ମୌସୁମୀ ବାୟୁର ପ୍ରଭାବ ଦୀର୍ଘସ୍ଥାୟୀ ହେବା ଏବଂ ଅକ୍ଟୋବର ମାସରେ ଅତ୍ୟଧିକ ବର୍ଷା ହେବା ଯୋଗୁଁ ପ୍ରମୁଖ ଖଣି ଅଞ୍ଚଳଗୁଡ଼ିକରେ ଖନନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା, ଯାହା ଫଳରେ କୋଇଲା ଉତ୍ପାଦନ କମିଯାଇଥିଲା । କୋଇଲା ହେଉଛି ଶକ୍ତି ଉତ୍ପାଦନର ମୁଖ୍ୟ ଉତ୍ସ, ତେଣୁ ଏହାର ଅଭାବ ପରୋକ୍ଷରେ ଅନ୍ୟ ଶିଳ୍ପଗୁଡ଼ିକୁ ପ୍ରଭାବିତ କରିଥାଏ । ଅନ୍ୟପକ୍ଷରେ, ବର୍ଷା ଏବଂ ଶୀତ ଋତୁର ଆଗମନ ଯୋଗୁଁ ତାପମାତ୍ରା ହ୍ରାସ ପାଇଥିଲା, ଫଳରେ ଘରୋଇ ଏବଂ କୃଷି କ୍ଷେତ୍ରରେ ବିଦ୍ୟୁତ୍ ଚାହିଦା କମିଯାଇଥିଲା । ଏୟାର କଣ୍ଡିସନର ଏବଂ ଫ୍ୟାନ୍‌ର ବ୍ୟବହାର କମିବା ଯୋଗୁଁ ବିଦ୍ୟୁତ୍ ଚାହିଦା ହ୍ରାସ ପାଇବା ସ୍ୱାଭାବିକ । ତେବେ, କେବଳ ପାଣିପାଗକୁ ଦୋଷ ଦେଇ ଆମେ ନିଶ୍ଚିନ୍ତ ରହିପାରିବା ନାହିଁ । ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇବା ଶିଳ୍ପ କାରଖାନାଗୁଡ଼ିକର ଉତ୍ପାଦନ କ୍ଷମତା କମିବାର ମଧ୍ୟ ଏକ ସଙ୍କେତ ହୋଇପାରେ, ଯାହା ଅର୍ଥନୀତିର ମନ୍ଥର ଗତିକୁ ସୂଚାଉଛି । ଯଦି ଶିଳ୍ପରେ ବିଦ୍ୟୁତ୍ ଚାହିଦା କମୁଛି, ତେବେ ଏହା ବୁଝାଏ ଯେ କାରଖାନାଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଚାଲୁନାହିଁ ।ଏହି ନୈରାଶ୍ୟଜନକ ପରିସ୍ଥିତି ମଧ୍ୟରେ କୃଷି କ୍ଷେତ୍ର ସହ ଜଡ଼ିତ ସାର ଶିଳ୍ପ ଏକ ଆଶାର କିରଣ ସାଜିଛି । ଅକ୍ଟୋବର ମାସରେ ସାର ଉତ୍ପାଦନରେ ସର୍ବାଧିକ ୭.୪% ଅଭିବୃଦ୍ଧି ରେକର୍ଡ କରାଯାଇଛି । ରବି ଋତୁ ପାଇଁ ଚାଷ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ସାରର ଚାହିଦା ବୃଦ୍ଧି ପାଇବା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଭାରତ ଏକ କୃଷିପ୍ରଧାନ ଦେଶ ହୋଇଥିବାରୁ ସାର ଶିଳ୍ପର ଅଭିବୃଦ୍ଧି ଗ୍ରାମୀଣ ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ । ଏହା ଦର୍ଶାଉଛି ଯେ କୃଷି କ୍ଷେତ୍ରରେ କାର୍ଯ୍ୟକଳାପ ସ୍ୱାଭାବିକ ରହିଛି ଏବଂ ଆଗାମୀ ଦିନରେ ଖାଦ୍ୟଶସ୍ୟ ଉତ୍ପାଦନ ଭଲ ହେବାର ସମ୍ଭାବନା ଅଛି । ସେହିପରି ଇସ୍ପାତ କ୍ଷେତ୍ରରେ ୬.୭% ଏବଂ ସିମେଣ୍ଟ କ୍ଷେତ୍ରରେ ୫.୩% ଅଭିବୃଦ୍ଧି ଘଟିଛି । ଦେଶବ୍ୟାପୀ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଏବଂ ସରକାରଙ୍କ ଦ୍ୱାରା ପରିଚାଳିତ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକ ଜାରି ରହିଥିବାରୁ ଏହି ଦୁଇଟି କ୍ଷେତ୍ରରେ ଚାହିଦା ବଜାୟ ରହିଛି । ରାସ୍ତା, ଗୃହ ନିର୍ମାଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଇସ୍ପାତ ଓ ସିମେଣ୍ଟର ଆବଶ୍ୟକତା ରହିଛି । ତେବେ ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ହାର ପୂର୍ବ ମାସ ତୁଳନାରେ କିଛି ମାତ୍ରାରେ କମିଛି, ଯାହା ଉପରେ ନଜର ରଖିବା ଆବଶ୍ୟକ । ରିଫାଇନାରୀ ଉତ୍ପାଦ କ୍ଷେତ୍ରରେ ମଧ୍ୟ ୪.୬% ଅଭିବୃଦ୍ଧି ପରିଲକ୍ଷିତ ହୋଇଛି, ଯାହା ଗତ ନଅ ମାସ ମଧ୍ୟରେ ସର୍ବୋତ୍ତମ ପ୍ରଦର୍ଶନ । ଯାନବାହନ ଚଳାଚଳ ବୃଦ୍ଧି ଏବଂ ପାର୍ବଣ ଋତୁ ଯୋଗୁଁ ଇନ୍ଧନର ଚାହିଦା ବଢ଼ିବା ଏହାର କାରଣ ହୋଇପାରେ ।

ତଥାପି, ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନରେ କ୍ରମାଗତ ହ୍ରାସ ଦେଶର ଶକ୍ତି ନିରାପତ୍ତା ଦୃଷ୍ଟିକୋଣରୁ ଚିନ୍ତାର ବିଷୟ ହୋଇ ରହିଛି । ଅକ୍ଟୋବର ମାସରେ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ ୫% ଏବଂ ଅଶୋଧିତ ତୈଳ ଉତ୍ପାଦନ ୧.୨% ହ୍ରାସ ପାଇଛି । ଘରୋଇ ତୈଳ ଉତ୍ପାଦନ ହ୍ରାସ ପାଇବା ଦ୍ୱାରା ଆମକୁ ଅଧିକ ମାତ୍ରାରେ ବିଦେଶରୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି, ଯାହା ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ସୃଷ୍ଟି କରୁଛି ଏବଂ ବାଣିଜ୍ୟ ନିଅଣ୍ଟ ବୃଦ୍ଧି କରୁଛି । ବିଶ୍ୱ ବଜାରରେ ତୈଳ ଦର ଅସ୍ଥିର ରହୁଥିବା ବେଳେ ଘରୋଇ ଉତ୍ପାଦନ କମିବା ଅର୍ଥନୀତି ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ । ସରକାର ଏହି କ୍ଷେତ୍ରରେ ନୂତନ ନିବେଶ ଏବଂ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଉଥିଲେ ମଧ୍ୟ ଫଳାଫଳ ଆଶାନୁରୂପ ହେଉନାହିଁ । ପୁରୁଣା ତୈଳ କୂପଗୁଡ଼ିକରୁ ଉତ୍ପାଦନ କମିବା ଏବଂ ନୂତନ ଉତ୍ସ ସନ୍ଧାନରେ ବିଳମ୍ବ ଏହାର ପ୍ରମୁଖ କାରଣ ।ମୂଳ ଶିଳ୍ପର ଏହି ସ୍ଥାଣୁତା ଆଗାମୀ ଦିନରେ ପ୍ରକାଶ ପାଇବାକୁ ଥିବା ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଉପରେ ନକାରାତ୍ମକ ପ୍ରଭାବ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଯେହେତୁ ଆଇଆଇପି ଗଣନାରେ ମୂଳ ଶିଳ୍ପର ଭାରାଙ୍କ ପ୍ରାୟ ୪୦.୨୭ ପ୍ରତିଶତ ରହିଛି, ତେଣୁ ଏହାର ପ୍ରଦର୍ଶନ ସିଧାସଳଖ ସାମଗ୍ରିକ ଶିଳ୍ପ ଅଭିବୃଦ୍ଧିକୁ ପ୍ରଭାବିତ କରିବ । ଅର୍ଥନୀତିଜ୍ଞମାନଙ୍କ ଆକଳନ ଅନୁଯାୟୀ, ଅକ୍ଟୋବର ମାସର ଆଇଆଇପି ଅଭିବୃଦ୍ଧି ହାର ୨.୫% ରୁ ୩.୫% ମଧ୍ୟରେ ସୀମିତ ରହିପାରେ, ଯାହା ସେପ୍ଟେମ୍ବର ମାସର ୪% ତୁଳନାରେ କମ୍ ଅଟେ । ଶିଳ୍ପ ଉତ୍ପାଦନ କମିଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ବାଧା ଉପୁଜିପାରେ ଏବଂ ଲୋକମାନଙ୍କର କ୍ରୟଶକ୍ତି ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ । ଏହା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାରକୁ ମଧ୍ୟ ମନ୍ଥର କରିଦେବାର ଆଶଙ୍କା ରହିଛି, ଯାହା ବର୍ତ୍ତମାନ ସମୟରେ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ । ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାର ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ସତର୍କତାର ସହ ପଦକ୍ଷେପ ନେବାକୁ ପଡ଼ିବ । ଯଦିଓ ପାଣିପାଗ ଜନିତ କାରଣରୁ କୋଇଲା ଓ ବିଦ୍ୟୁତ୍ କ୍ଷେତ୍ର ପ୍ରଭାବିତ ହୋଇଛି ଏବଂ ଏହା ଏକ ସାମୟିକ ସମସ୍ୟା ବୋଲି କୁହାଯାଇପାରେ, ତଥାପି ଅନ୍ୟ କ୍ଷେତ୍ରଗୁଡ଼ିକରେ ସ୍ଥାୟୀ ଅଭିବୃଦ୍ଧି ନିଶ୍ଚିତ କରିବାକୁ ହେବ । ଉତ୍ସବ ଋତୁରେ ବଜାରରେ ଚାହିଦା ବୃଦ୍ଧି ପାଇବାର ଆଶା ରହିଛି, ଯାହା ଆଗାମୀ ମାସଗୁଡ଼ିକରେ ଶିଳ୍ପ କ୍ଷେତ୍ରକୁ କିଛିଟା ବଳ ଯୋଗାଇପାରେ । କିନ୍ତୁ କେବଳ ଋତୁକାଳୀନ ଚାହିଦା ଉପରେ ନିର୍ଭର ନକରି ଦୀର୍ଘମିଆଦୀ ସଂସ୍କାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଖଣି ଓ ଶକ୍ତି କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବା ଦରକାର । ବିଶେଷକରି କୋଇଲା ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ବିଦ୍ୟୁତ୍ କ୍ଷେତ୍ରର ଆର୍ଥିକ ସ୍ଥିତି ସୁଧାରିବା ଜରୁରୀ । ଡିସକମ୍ ବା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟ ଭଲ ନଥିବାରୁ ଏହା ସମଗ୍ର ଶକ୍ତି କ୍ଷେତ୍ରକୁ ପ୍ରଭାବିତ କରୁଛି ।

ଅପରପକ୍ଷେ, ବିଶ୍ୱ ଅର୍ଥନୀତିରେ ଦେଖାଦେଇଥିବା ଅନିଶ୍ଚିତତା ଏବଂ ଭୂ-ରାଜନୈତିକ ଉତ୍ତେଜନା ମଧ୍ୟ ଭାରତୀୟ ଶିଳ୍ପ କ୍ଷେତ୍ର ପାଇଁ ଆହ୍ୱାନ ସୃଷ୍ଟି କରୁଛି । ବିଭିନ୍ନ ଦେଶରେ ଯୁଦ୍ଧ ପରିସ୍ଥିତି ଏବଂ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ରପ୍ତାନି ଭିତ୍ତିକ ଶିଳ୍ପଗୁଡ଼ିକ ପ୍ରଭାବିତ ହେଉଛନ୍ତି । ବିଦେଶରୁ ଚାହିଦା କମିବା ଫଳରେ ଭାରତୀୟ ଉତ୍ପାଦର ରପ୍ତାନି ବାଧାପ୍ରାପ୍ତ ହେଉଛି । ଏଭଳି ସ୍ଥିତିରେ ଘରୋଇ ଚାହିଦା ବୃଦ୍ଧି କରିବା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦ୍ୱାରା ଇସ୍ପାତ ଓ ସିମେଣ୍ଟ ଭଳି କ୍ଷେତ୍ରରେ ଚାହିଦା ବଜାୟ ରଖାଯାଇପାରିବ । ସରକାରଙ୍କ ପୁଞ୍ଜିଗତ ବ୍ୟୟ (**Capital Expenditure**) ବୃଦ୍ଧି ମଧ୍ୟ ଏଥିରେ ସହାୟକ ହେବ । ଯଦି ସରକାର ଭିତ୍ତିଭୂମି ପ୍ରକଳ୍ପରେ ଅଧିକ ଅର୍ଥ ବିନିଯୋଗ କରନ୍ତି, ତେବେ ଏହା ଘରୋଇ ନିବେଶକୁ ମଧ୍ୟ ଉତ୍ସାହିତ କରିବ । ଆମକୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଅର୍ଥନୀତିର ଏହି ସ୍ଥାଣୁତା କେବଳ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସୀମିତ ନୁହେଁ, ବରଂ ଏହା ପରସ୍ପର ସହ ଜଡ଼ିତ । ଉଦାହରଣ ସ୍ୱରୂପ, ଯଦି କୋଇଲା ଉତ୍ପାଦନ କମେ, ତେବେ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୁଏ । ବିଦ୍ୟୁତ୍ ଅଭାବ ହେଲେ ଇସ୍ପାତ ଓ ସିମେଣ୍ଟ କାରଖାନା ଚାଲିପାରେ ନାହିଁ । ତେଣୁ ଏକ ସମନ୍ୱିତ ଦୃଷ୍ଟିକୋଣ ନେଇ ସମସ୍ୟାର ସମାଧାନ କରିବାକୁ ହେବ । ସରକାରୀ ସ୍ତରରେ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାରେ ଥିବା ବାଧା ଦୂର କରିବା ଏକାନ୍ତ ଆବଶ୍ୟକ । ଏହା ସହିତ ଘରୋଇ କ୍ଷେତ୍ରକୁ ନିବେଶ ପାଇଁ ଉତ୍ସାହିତ କରିବାକୁ ହେବ, ଯାହା ଦ୍ୱାରା ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ ଏବଂ ନୂତନ ନିଯୁକ୍ତି ସୃଷ୍ଟି ହେବ ।

ଅକ୍ଟୋବର ମାସର ଶୂନ ଅଭିବୃଦ୍ଧି ଏକ ସାମୟିକ ବିପର୍ଯ୍ୟୟ ହୋଇପାରେ, କିନ୍ତୁ ଏହାକୁ ହାଲୁକା ଭାବେ ନେବା ଉଚିତ ନୁହେଁ । ଏହା ଆମକୁ ମନେ ପକାଇ ଦେଉଛି ଯେ ଅର୍ଥନୈତିକ ପ୍ରଗତିର ଧାରା ସର୍ବଦା ସରଳରେଖାରେ ଗତି କରେ ନାହିଁ । ବାହ୍ୟ ଏବଂ ଆଭ୍ୟନ୍ତରୀଣ କାରଣଗୁଡ଼ିକ ଯେକୌଣସି ସମୟରେ ପ୍ରତିବନ୍ଧକ ସାଜିପାରେ । ତେଣୁ ଏକ ସୁଦୃଢ଼ ଏବଂ ସ୍ଥିତିସ୍ଥାପକ ଅର୍ଥନୀତି ଗଠନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବା ଆବଶ୍ୟକ । ଆଗାମୀ ମାସଗୁଡ଼ିକରେ ଯଦି ଏହି ଧାରା ଜାରି ରହେ, ତେବେ ସରକାରଙ୍କୁ ଆର୍ଥିକ ଏବଂ ମୁଦ୍ରା ନୀତିରେ ପରିବର୍ତ୍ତନ ଆଣିବାକୁ ପଡ଼ିପାରେ । ରିଜର୍ଭ ବ୍ୟାଙ୍କ ଏବଂ ଅର୍ଥ ମନ୍ତ୍ରଣାଳୟକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ଯେପରି ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା ସହ ଅଭିବୃଦ୍ଧି ବାଧାପ୍ରାପ୍ତ ନହୁଏ । ବର୍ତ୍ତମାନ ସମୟରେ ଧୈର୍ଯ୍ୟର ସହ ପରିସ୍ଥିତି ଉପରେ ନଜର ରଖିବା ଏବଂ ଆବଶ୍ୟକ ସ୍ଥଳେ ସଂଶୋଧନମୂଳକ ପଦକ୍ଷେପ ଗ୍ରହଣ କରିବା ହିଁ ଏକମାତ୍ର ବିକଳ୍ପ । ଦେଶର ବିକାଶ ଇଞ୍ଜିନକୁ ଗତିଶୀଳ ରଖିବା ପାଇଁ ମୂଳ ଶିଳ୍ପଗୁଡ଼ିକର ପୁନରୁଦ୍ଧାର ଏକାନ୍ତ ଅପରିହାର୍ଯ୍ୟ ଏବଂ ଏଥିପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ।

## ଦେବ ଦୀପାବଳି




କାନନ ବାଳା ନାୟକ


'ପୁରୁଷୋତ୍ତମାକ୍ଷମ୍ ସୁମହତ
କ୍ଷେତ୍ରମ୍ ପରମପବନମ୍
ଜତ୍ରାସ୍ତେ ଦାରାବତନୁ ଶ୍ରୀସ
ମାନୁଷ୍ୟ ଲୀଳୟାମ୍' ।

ପୁରୁଷୋତ୍ତମକ୍ଷେତ୍ର ବା ଶ୍ରୀକ୍ଷେତ୍ର ହେଉଛି ଚାରିଧାମ ମଧ୍ୟରେ ଅନ୍ୟତମ ପବିତ୍ର କ୍ଷେତ୍ର ।ଏହି ସୁମହତ୍ କ୍ଷେତ୍ରରେ ସ୍ୱୟଂ ନାରାୟଣ ଦାରୁବ୍ରହ୍ମ ରୂପରେ ପୂଜିତ ହେବା ସହ ମାନବୀୟ ଲୀଳା ପ୍ରଦର୍ଶନ କରୁଛନ୍ତି । ଏହି ମାନବୀୟ ଲୀଳା ପ୍ରଦର୍ଶନ ପାଇଁ ମହାପ୍ରଭୁ ଜଗନ୍ନାଥ ସକାଳ ଠାରୁ ରାତ୍ରୀ ପର୍ଯ୍ୟନ୍ତ ସମସ୍ତ ମାନବୀୟ କର୍ମ ସମ୍ପାଦନ କରିଥାଆନ୍ତି । ସକାଳର ମୁଖ ପ୍ରକ୍ଷାଳନ ନୀତି ଠାରୁଆରମ୍ଭ କରି ରାତ୍ରିରେ ଶୟନ ପର୍ଯ୍ୟନ୍ତ ସମସ୍ତ ମାନବୀୟ କାର୍ଯ୍ୟ ପ୍ରଭୁ ସମ୍ପାଦନ କରିଥାଆନ୍ତି । ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ମହାପ୍ରଭୁ ଜଗନ୍ନାଥ ନିଜର ବଡ଼ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳନ୍ତି ତ ସ୍ନାନ ପୂର୍ଣ୍ଣିମାରେ ଗରାଗରା ପାଣିରେ ସ୍ନାନ କରନ୍ତି । ଶୀତ ଦିନରେ ଘୋଡ଼ ଲାଗି ବେଶରେ ଶୀତ ବସ୍ତ୍ର ପରିଧାନ କରନ୍ତି ।

ନିଜର ଏଇ ମାନବୀୟ ଲୀଳାରେ ପ୍ରଭୁ ପୁତ୍ର ରୂପରେ ପିତା ମାତାଙ୍କ ପ୍ରତି ଥିବା ନିଜର କର୍ତ୍ତବ୍ୟକୁ ମଧ୍ୟ ସୁଚାରୁ ରୂପେ ସମ୍ପାଦନା କରିଥାଆନ୍ତି । ପୁତ୍ ନାମକ ନର୍କରୁ ନିଜର ପୂର୍ବ ପୁରୁଷଙ୍କୁ ଉଦ୍ଧାର କରିବା ପ୍ରତ୍ୟେକ ପୁତ୍ରର କର୍ତ୍ତବ୍ୟ । ସେଥିପାଇଁ ପୁତ୍ର ମାନେ ନିର୍ଦ୍ଧାରିତ ସମୟରେ ନିଜର ପିତା ମାତାଙ୍କୁ ଶ୍ରାଦ୍ଧ ବା ପିଣ୍ଡ ଦାନ ଦିଅନ୍ତି । ମହାପ୍ରଭୁ ଜଗନ୍ନାଥ ମଧ୍ୟ ମାର୍ଗଶୀର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଏହି ୩ ଦିନ ତାଙ୍କ ପିତୃ ପିତାମହଙ୍କ ଉଦ୍ଦେଶ୍ୟ ଶ୍ରାଦ୍ଧ ଓ ଦୀପ ଉତ୍ସର୍ଗ କରିଥାଆନ୍ତି । 'ମାର୍ଗଶୀର୍ଷେ କୃଷ୍ଣପକ୍ଷେ ଚତୁର୍ଦ୍ଦଶ୍ୟାଦିକେତିଥୌ । ତ୍ରିଦିନାନ୍ତଂ ହରେର୍ଦ୍ଦଦ୍ୟାତ୍ ପ୍ରାସାଦେ ଦୀପମାଳିକାମ୍' ॥

ଶ୍ରୀଜୀଉ ଏହି ସମୟରେ ଶ୍ରାଦ୍ଧବେଶରେ ସଜ୍ଜିତ ହୋଇ ଥାଆନ୍ତି । ଶ୍ରାଦ୍ଧସମୟରେ ମହାପ୍ରଭୁ ଜଗନ୍ନାଥ ପରିଧାନ କରୁଥିବା ବସ୍ତ୍ରକୁ କାଶୀଧଡିଆ ବସ୍ତ୍ର କୁହାଯାଏ । ଏହି ବସ୍ତ୍ରର ରଙ୍ଗ ଶ୍ୱେତବର୍ଣ୍ଣ ଓ ଧଡିରେ ହଳଦିଆ ରଙ୍ଗର ବଡବଡ କୁମ୍ଭମାନ ପଡିଥାଏ । ଶ୍ରୀଜଗନ୍ନାଥଙ୍କର ଶ୍ୱେତ ପାଟବସ୍ତ୍ରର ଲମ୍ବ ୧୬-୧୮ ହାତ, ଚଉଡା ୫ ହାତ ଓ ଧଡିର ଓସାର ୧ ଫୁଟ । ସେହିଭଳି ଶ୍ରୀ ବଳଭଦ୍ରଙ୍କର ଶ୍ୱେତ ପାଟବସ୍ତ୍ରର ଲମ୍ବ ୧୪ ହାତ, ଚଉଡା ୪ ହାତ ଓ କଳାବର୍ଣ୍ଣ ଧଡିର ଓସାର ୧ ଫୁଟ । ଦେବୀ ସୁଭଦ୍ରାଙ୍କର ପାଟବସ୍ତ୍ରର ଲମ୍ବ ୧୨ ହାତ, ଚଉଡା ୩ ଫୁଟ ୬ ଇଞ୍ଚ ଓ ନାଲି ରଙ୍ଗ ଧଡିର ଓସାର ୧ ଫୁଟ । ଏସବୁ ବସ୍ତ୍ର ସହିତ ଶ୍ରୀଜୀଉମାନଙ୍କୁ ଚାଦରରେ ମଣ୍ଡନ କରାଯାଇ ଶିରରେ ଶ୍ରୀକପଡା ନାମକ ସ୍ୱତନ୍ତ୍ର ବସ୍ତ୍ରରେ ଶୋଭିତ କରାଯାଏ । ଶ୍ରୀଜୀଉମାନଙ୍କୁ ଚିତ୍ତାକର୍ଷକ ଶ୍ରାଦ୍ଧ ବେଶରେ ପୁଷ୍ପାଳକ ସେବକ ମାନେ ସଜ୍ଜିତ କରିଥାନ୍ତି । ଏହି ବେଶରେ ଠାକୁରମାନେ ନଳିଭୁଜ, କୁଣ୍ଡଳ, ଚନ୍ଦ୍ର ସୂର୍ଯ୍ୟ, ଆଡକାନି, ତଡଗି, ହରିଡାମାଳି ଓ ଅଣ୍ଟା କମରପଟି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି । ଶ୍ରୀମନ୍ଦିରରେ ଏହି ଉତ୍ସବକୁ ଦେବ ଦିପାବଳୀ ହିସାବରେ ଧୁମ୍ ଧାମରେ ପାଳିତ ହୁଏ ।

ପ୍ରଥମ ଦିନ ମହାପ୍ରଭୁ ଅଦିତି ଓ କଶ୍ୟପଙ୍କୁ ଶ୍ରାଦ୍ଧ ଦେଇଥାନ୍ତି । ଅଦିତି ଦକ୍ଷ ପ୍ରଜାପତିଙ୍କ କନ୍ୟା । ମହର୍ଷି କଶ୍ୟପ ତାଙ୍କ ସ୍ୱାମୀ । ଇନ୍ଦ୍ରାଦି ଦେବତାମାନେ ଓ ବାମନ ଅବତାରରେ ବିଷ୍ଣୁ ଅଦିତି ଗର୍ଭରୁ ଜନ୍ମ ହୋଇଥିବାରୁ ଅଦିତି-କଶ୍ୟପ ଭଗବାନଙ୍କ ପିତାମାତା । ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରଥମେ ଏମାନଙ୍କୁ ଶ୍ରାଦ୍ଧ ଦିଅନ୍ତି । ଦ୍ୱିତୀୟ ଦିନ ଅର୍ଥାତ ମାର୍ଗଶିର ମାସ ଅମାବାସ୍ୟା ତିଥିରେ ମହାପ୍ରଭୁ ଜଗନ୍ନାଥ ଶ୍ରୀରାମଚନ୍ଦ୍ର ରୂପରେ ତ୍ରେତୟା ଯୁଗର ପିତା ଦଶରଥ ଓ ମାତାଙ୍କୁ କୈଶଲ୍ୟା ପିଣ୍ଡ ଓ ପ୍ରଦୀପଦାନ କରନ୍ତି । ତୃତୀୟ ଦିନ ଅର୍ଥାତ୍ ମାର୍ଗଶିର ମାସ ଶୁକ୍ଳ ପକ୍ଷ ପ୍ରତିପଦ ତିଥିରେ ପ୍ରଭୁ ଶ୍ରୀକୃଷ୍ଣ ରୂପରେ ଦ୍ୱାପର ଯୁଗର ପିତା ବସୁଦେବ ଓ ମାତା ଦେବକୀଙ୍କୁ ଏବଂ ନନ୍ଦ ଓ ଯଶୋଦାଙ୍କୁ ପିଣ୍ଡ ଓ ପ୍ରଦୀପଦାନ କରନ୍ତି । ତୃତୀୟ ଦିନରେ ପ୍ରଭୁ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ପିଣ୍ଡ ଓ ପ୍ରଦୀପଦାନ କରନ୍ତି ।

ସୂର୍ଯ୍ୟବଂଶର ବିଷ୍ଣୁ ଭକ୍ତ ଗଜପତି ମହାରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କ ଦର୍ଶନ ପାଇଁ ବହୁ କାମନା କରିଥିଲେ । ସେ ପାଞ୍ଚଶହ ବର୍ଷ ମଧ୍ୟରେ ପ୍ରଭୁଙ୍କ ଆଜ୍ଞାରେ ଏକହଜାର ଅଶ୍ୱମେଧ ଯଜ୍ଞ କରି ଶ୍ରୀନୀଳମାଧବଙ୍କୁ ଦାରୁ ରୂପେ ପ୍ରାପ୍ତ ହୋଇଥିଲେ ବୋଲି କଥିତ ଅଛି । ପ୍ରଭୁଙ୍କ ଆଜ୍ଞାରେ ବାଙ୍କୀ ମୁହାଣ ଠାରେ ଭାସୁଥିବା ଦାରୁ ଆଣି ମୂର୍ତ୍ତି ଗଠନ କଲେ । ଗୁଣ୍ଡିଚା ମନ୍ଦିରଠାରେ ବ୍ରହ୍ମାଙ୍କ ଆଜ୍ଞା ରେ ଯଜ୍ଞ କରାଇଥିଲେ । ଏକ ହଜାର ହାତ ଉଚ୍ଚରେ ବଡଦେଉଳ କରାଇଥିଲେ ବୋଲି କିମ୍ବଦନ୍ତୀ ରହିଛି, ଯାହା କି ବର୍ତ୍ତମାନ ଲୁପ୍ତ ।

ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ଆଦି ତିନିମୂର୍ତ୍ତି ସ୍ଥାପନ କରି ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠା କରାଇଥିଲେ । ପ୍ରଭୁ ଶ୍ରୀନୀଳମାଧବ ଆୟୁଧ ଶ୍ରୀସୁଦର୍ଶନଙ୍କ ସହିତ ଚତୁର୍ଦ୍ଧାମୂର୍ତ୍ତି ରୂପେ ପୂଜା ପାଇଲେ । ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ବର ମାଗିବା ପାଇଁ କହିଥିଲେ । ବରଦାନରେ ସେ ନିଜେ ବଂଶ ହୀନ ହେବା ପାଇଁ ତାଙ୍କ ପରେ କେହି ଅହଙ୍କାର କରିବେ ନାହିଁ ବୋଲି ବର ମାଗିଥିଲେ । 'ତୁମ୍ଭେ ଯେବେ ବର ଦେବ ମାଗୁ ଅଛି ମୁଁହି, ମୋହର ବଂଶରେ କେହି ନଥିବେ ଗୋସାଇଁ

ପୁତ୍ର ନାତି ବୋଲେ ଯେବେ ଦେଉଳ ଆମ୍ଭର, ଆମ୍ଭର' ।

ତେଣୁ ଏହି ଦୀପାବଳିରେ ମାର୍ଗଶିର ଶୁକ୍ଳ ପ୍ରତିପଦ ତିଥିରେ ପ୍ରଭୁ ଶୁଭବସ୍ତ୍ର ଓ ଚଦର ପରିଧାନ କରି ପିତାମାତା ଭାବେ ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କୁ ପିଣ୍ଡ ଓ ଦୀପଦାନ କରନ୍ତି ।

ବିଧି ଅନୁସାରେ ଚୂନରା ସେବକ ମାନେ ଏହି ଦିନ ମାନଙ୍କରେ ଶ୍ରୀମନ୍ଦିରକୁ ଦୀପରେ ସଜ୍ଜିତ କରିଥାନ୍ତି । ଶ୍ରୀମନ୍ଦିରର ଗୁମୁଟି, ରାଜନଅର ଓ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଏ । ପିତୃଶ୍ରାଦ୍ଧ ଓ ଦୀପଦାନ ପରେ ଚୂନରା ସେବକ ଶ୍ରୀମନ୍ଦିରର ତିନି ଦେଉଳ ଉପରେ ମହାଦୀପ ଜାଳି ଗଜପତିଙ୍କୁ ମହାପ୍ରଭୁଙ୍କ ଆଶୀର୍ବାଦ ଦିଅନ୍ତି ।

ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟାଧୂପ ବଢ଼ି ସାରିବା ପରେ ଧୁଆପୋଛା ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରନ୍ତି । ପାଳିଆ ମେକାପ ଦୀପ ମାନଙ୍କରେ ଘୃତ ପୂର୍ଣ୍ଣ କରି ଚାଉଳ ଗଛରେ ବତୀ ବସାନ୍ତି । ସମୁଦାୟ ଅଠେଇଶ ଗୋଟି ପ୍ରଦୀପ ବସାଯାଏ । ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ନଅଗୋଟି କରି ଅଠର ଟି ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିମନ୍ତେ ଦଶଗୋଟି ଦୀପ ବସାଯାଇଥାଏ । ତିନିଗୋଟି ସୁନା ଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପମାନଙ୍କୁ ସଂସ୍କାର କରନ୍ତି । ଏହାପରେ ପୂଜାପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକମାନେ ସିଂହାସନ ଉପରକୁ ଉଠି ତିନିବାଡରେ ବନ୍ଦାପନା କରନ୍ତି । ତା' ପରେ ତିନିଗୋଟି ମହାଦୀପରେ ବନ୍ଦାପନା କରାଯାଏ ।

ତତ୍ପରେ ପୂଜକ ତିନିଜଣ ମହାଦୀପ ଗୁଡିକୁ ହାତରେ ଧରି ଜୟବିଜୟ ଦ୍ୱାରର ଭିତର ପାଖକୁ ଆସନ୍ତି । ସେଠାରେ ଆସ୍ଥାନ ପଡିଆରୀ କରିଥିବା ଚାଉଳଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ଛଡାନ୍ତି । ସେହି ମହାଦୀପ କଳସଗୁଡିକୁ ପାଳିଆ ଚୂନରାଙ୍କୁ ଦିଆଯାଏ । ସଂପୃକ୍ତ ଚୂନରା ସେବକ ବଡଓଡିଆ ମଠ ପ୍ରଦତ୍ତ ତେଲ ଓ ଘିଅ ନେଇ ମନ୍ଦିରର ଅଁଳା ବେଢା ଉପରେ ଦୀପମାନ ଜାଳନ୍ତି ଓ ଚନ୍ଦ୍ର ଉଦିଆ ଜାଳି' ଗଜପତି ମହାରାଜାଙ୍କୁ ମହାପ୍ରଭୁ ଶଙ୍ଖେପୂରାଇ ଚକ୍ରେ ଆଢୁଆଳ କରନ୍ତୁ' କହି ହରିବୋଲ ଡାକ ଦିଅନ୍ତି । ଅମାବାସ୍ୟା ଦିନ ଠିକ୍ ପୂର୍ବୋକ୍ତ ରୀତିରେ ନୀତି ଅବିକଳ ପାଳିତ ହୋଇଥାଏ । କିନ୍ତୁ ପ୍ରତିପଦା ଦିନ ପାଣି ପଡି ଚାଉଳ ଗଛ ହେବା ପରେ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି । ସେଠାରେ ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପାଳିଆ ପୂଜାପଣ୍ଡା ଚାଉଳ ଗଛକୁ ସଂସ୍କାର କରି ପାଣି ଛଡାଇବା ପରେ ତିନିବାଡରେ ବନ୍ଦାପନା ସରିଲେ ଶ୍ରୀମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଭିତର ପାଖେ ବିଜେ କରିଥିବା ବେଳେ ସେଠାରେ ନିର୍ମିତ ଚାଉଳ ଗଛର ସଂସ୍କାର କାର୍ଯ୍ୟ ବଢେ ଓ ଜୟବିଜୟ ଦ୍ୱାର ଫିଟାଯାଏ ।

ତାପରେ ଠାକୁରମାନେ ଝୁଲଣମଣ୍ଡପ ତଳେଥିବା ବିମାନରେ ବିଜେ କରନ୍ତି ।

ଏହିଠାରେ ଠାକୁରମାନଙ୍କର ରୁଣ୍ଡା ବଢିବା ପରେ ବିମାନକୁ ଜଗନ୍ନାଥ ବଲ୍ଲଭ ମଠକୁ ନିଆଯାଏ । ଏହି ସ୍ଥାନରେ ମୂଳିଆ ସୁଆଁସିଆ ଦେଇଥିବା କାଷ୍ଠ ନିର୍ମିତ ଭଦ୍ରାସନ ଉପରେ ଆସ୍ଥାନ ପ୍ରତିହାରୀ ଚାଉଳଗଛ ତିଆରି କରି ଦୀପ ବସାଇଥାନ୍ତି । ଏଠାରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଚାଉଳଗଛକୁ ସଂସ୍କାର କରନ୍ତି ଓ ମୁଦିରସ୍ତ ବନ୍ଦାପନା କରିଥାନ୍ତି । ତା' ପରେ ସେଠାରୁ ଠାକୁରମାନେ ବାହୁଡାବିଜେ କରି ସ୍ୱ ସ୍ୱ ସ୍ଥାନକୁ ଯାଇଥାନ୍ତି । ଏହି ଯେଉଁମାନେ ଏହି ସେବା ଏକ ଗୁପ୍ତ ସେବା ହୋଇଥିବାରୁ ଏହା ସର୍ବସାଧାରଣରେ ଦର୍ଶନ ହୁଏ ନାହିଁ ।ଏହି ସମୟରେ ଯେଉଁମାନେ ଶ୍ରୀଜୀଉଙ୍କର ଦର୍ଶନ ଲାଭ କରନ୍ତି ସେମାନେ ଇହ ଲୋକରେ ସୁଖ ଓ ପରଲୋକରେ ବୈକୁଣ୍ଠ ରେ ସ୍ଥାନ ଲାଭ କରନ୍ତି ।


+ ଅତିରିକ୍ତ କମିଶନର(ଅପିଲ)
ଦ୍ରବ୍ୟ ଓ ସେବାକର, ପୁରୀ
ଚକଲା, ପୁରୀ


## ଉତ୍କଳ କେଶରୀ – ହରେକୃଷ୍ଣ ମହତାବ




ଅକ୍ଷୟ କୁମାର ରାଉତ




ବହୁ ଉନ୍ନତ ଜାତି ଇତିହାସର ଚକ ତଳେ ଚାପି ହୋଇ ଲୋପ ପାଇଯାଇଛନ୍ତି । ସେମାନଙ୍କର ସଭ୍ୟତା ତଥା ସଂସ୍କୃତିର ଚିହ୍ନବର୍ଣ୍ଣ ଖୋଜିବା ଆଜି ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କର କାର୍ଯ୍ୟ ପାଲଟିଛି । ପ୍ରାୟ ୧୫୦୦ ବର୍ଷ ଧରି ଉନ୍ନତିର ଶିଖରରେ ପହଁଚିଥିବା ଓଡିଆ ଜାତି ସମୟକ୍ରମେ ବିଦେଶୀ ଦ୍ୱାରା ଲୁଣ୍ଠିତ ହୋଇଛି । ଭୌଗୋଳିକ ଭାବରେ ଛିନ୍ନ ବିଚ୍ଛିନ୍ନ ହୋଇ ଗଙ୍ଗାଠାରୁ ଗୋଦାବରୀ ବ୍ୟାପିଥିବା ଓଡିଶା କ୍ରମେ ତିନୋଟି ଜିଲ୍ଲା ମଧ୍ୟରେ ସୀମିତ ହୋଇଥିଲା । ଏହି ଭଳି ଏକ ଅନ୍ଧକାରାଚ୍ଛନ୍ନ କାଳରେ ଆବିର୍ଭାବ ଘଟେ ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର । ୧୩୦୭ ସାଲ ମାର୍ଗଶିର କୃଷ୍ଣ ଚତୁର୍ଥୀ ବିଛା ୭ ଦିନ ମଙ୍ଗଳବାର ବୃହସ୍ପତି ମହାଦଶାରେ ୧୮୯୯ ମସିହା ନଭେମ୍ବର ୨୧ ତାରିଖରେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅଗରପଡାଠାରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତାଙ୍କ ନାମ କୃଷ୍ଣଚନ୍ଦ୍ର ଦାସ ଓ ମାତାଙ୍କ ନାମ ତୋହଫା ବିବି । ପ୍ରଥମରୁ ସେ ମହତାବ ନଥିଲେ । ପରେ ଅଜା ଜଗନ୍ନାଥ ମହତାବଙ୍କ ଘରକୁ ପୁଅ ହୋଇଯିବାରୁ 'ମହତାବ' ସାଙ୍ଗିଆ ହେଲା ।

ହରେକୃଷ୍ଣ ମହତାବ ପ୍ରଥମେ ଗାଁ ଚାଟଶାଳୀରେ ଅବଧାନ ସଦେଇ ଦାସଙ୍କ ନିକଟରେ ପାଠପଢ଼ା ଆରମ୍ଭ କରିଥିଲେ । ଗାଁ ସ୍କୁଲରେ ପାଠପଢ଼ା ସାରି ସେ ଭଦ୍ରକ ହାଇସ୍କୁଲରେ ପାଠ ପଢ଼ିଲେ । ହାଇସ୍କୁଲରେ ପଢ଼ିବା ସମୟରେ ତାଙ୍କ ମା ଆରପାରିକୁ ଚାଲିଗଲେ । ତାଙ୍କ ବାପା ହରେକୃଷ୍ଣଙ୍କର ହାତକୁ ଦି'ହାତ କରିବାକୁ ଚିନ୍ତା କଲେ । ଅସୁରେଶ୍ୱର ଗ୍ରାମର ଆନନ୍ଦରାମ ସିଂହଙ୍କ ଝିଅ ସୁଭଦ୍ରାଙ୍କ ସହିତ ହରେକୃଷ୍ଣଙ୍କର ବାହାଘର କରାଇଦେଲେ । ବାହାଘର କେତେ ଦିନପରେ ସେ ମାଟ୍ରିକ୍ ପ୍ରଥମ ଶ୍ରେଣୀରେ ପାସ୍ କରି କଟକ ରେଭେନ୍ସା କଲେଜରେ ନାଁ ଲେଖାଇଲେ । ସେଠାରେ ସେ ନବକୃଷ୍ଣ ଚୌଧୁରୀଙ୍କ ସହିତ ପରିଚିତ ହେଲେ । ବନ୍ଧୁମାନଙ୍କ ସାହାଯ୍ୟରେ ମେସ୍‌ରୁ 'ମଳୟ' ନାମକ ଓଡିଆ ପତ୍ରିକା ଓ 'ଡଷ୍ଟବିନ୍' ନାଁରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କରିଥିଲେ । ମହତାବ ଦ୍ୱିତୀୟ ଶ୍ରେଣୀରେ ଆଇ.ଏସ୍.ସି. ପାସ୍ କରି ସେହିଠାରେ ବି.ଏସ୍.ସି. ନପଢ଼ି ବି.ଏ. ଶ୍ରେଣୀରେ ନାମ ଲେଖାଇଲେ ।

କଟକର ବାଖରାବାଦର 'ଭାରତୀ ମନ୍ଦିର' ପାଠାଗାର ଦେଶଭକ୍ତ ଓ ଦେଶ ପ୍ରେମୀମାନଙ୍କର ଏକ କେନ୍ଦ୍ର । ଏଥିରେ ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଭାଗିରଥୀ ମହାପାତ୍ର ଆଦି ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ହରେକୃଷ୍ଣ ମହତାବ ସେମାନଙ୍କୁ ସହଯୋଗ ଦେଲେ । ଥରେ ମହତାବ ଉତ୍କଳ ସମ୍ମିଳନୀରେ ଯୋଗଦେଇ ମଧୁବାବୁଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ । ପ୍ରଥମ ରାଉଲଟ୍ ଆଇନ୍ ଓ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ମହତାବଙ୍କୁ ବିଚଳିତ କରିଥିଲା । କଲିକତା ଓ ନାଗପୁର କଂଗ୍ରେସର ଅଧିବେଶନରେ ଯୋଗଦେଇ ବହୁ ଜାତୀୟ ସ୍ତରର କଂଗ୍ରେସ ନେତାଙ୍କ ସଂସ୍ପର୍ଶରେ ଆସିଲେ ଓ ଗୋପବନ୍ଧୁ ଦାସଙ୍କ ସହିତ ସାକ୍ଷାତ କରିଥିଲେ । ଫଳରେ ସେ କଲେଜ ପାଠପଢ଼ା ଛାଡି କଂଗ୍ରେସରେ ଯୋଗଦେଲେ । ବାଲେଶ୍ୱର ଠାରେ 'ସ୍ୱରାଜ୍ୟ ମନ୍ଦିର' ଅନ୍ୟମାନଙ୍କ ସହଯୋଗରେ ଗଠନ କରିଥିଲେ । ବାଲେଶ୍ୱର କଂଗ୍ରେସ କମିଟିର ମହତାବ ହେଲେ ସମ୍ପାଦକ । କଂଗ୍ରେସର ବିଦେଶୀ ବସନ ବର୍ଜନ ଆନ୍ଦୋଳନରେ ଜଣେ ବିଲାତି ଲୁଗା ବୋପରି ଗାଡିକୁ ଅଟକାଇ ମହତାବ ୧୫ ଦିନ ଜେଲଦଣ୍ଡ ଭୋଗ କଲେ ୨୫ ଟଙ୍କା ଜୋରିମାନା ଦେଇନପାରି । ଏହାଥିଲା ତାଙ୍କର ପ୍ରଥମ ଜେଲଦଣ୍ଡ । ସ୍ୱାଧୀନତା ଆନ୍ଦୋଳନରେ ସେ ସାତ ଥର ଗିରଫ ହୋଇ ଦୀର୍ଘ ଆଠବର୍ଷ କାଳ ଜେଲ୍ ଦଣ୍ଡ ଭୋଗ କରିଛନ୍ତି । ମହତାବ ଭାଗଲପୁର ଜେଲ୍‌ରେ ରହିବା ସମୟରେ ପଚସ୍ତରୀ ସେର ଧାନ କୁଟିବା ବା କୋଡିଏ ସେର ଗହମ ଚୂରିବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ଥିଲା । ସେ ଜେଲ ସୁପରିଟେଣ୍ଡେଣ୍ଟଙ୍କୁ କୁହାବୋଲା କରି ଲେଖାପଢ଼ା କାମ ପାଇଲେ । ଏହି ସୁଯୋଗରେ ମହତାବ 'ଅଜବ ଦୁନିଆ' ନାଁରେ ଏକ ଓଡିଆ ଉପନ୍ୟାସ ଓ 'ଫ୍ରି ଥିଙ୍କିଂ' ନାମରେ ଖଣ୍ଡେ ଇଂରାଜୀ ବହି ଲେଖିଥିଲେ । ପରେ ପୋଲିସ୍ 'ଅଜବ ଦୁନିଆ'ର ମୂଳ ଲେଖାଟି ପୋଡି ଦେଇଥିଲା ।

କନିକା ପ୍ରଜା ଆନ୍ଦୋଳନର ନେତୃତ୍ୱ ଯୋଗୁ ଭୋଗୁଥିବା ଜେଲ୍ ଦଣ୍ଡରୁ ମୁକ୍ତି ପାଇବା ପରେ ୧୯୨୩ ମସିହାରେ କଟକ ମୁକୁର ପ୍ରେସ୍‌ରୁ ସାପ୍ତାହିକ 'ପ୍ରଜାତନ୍ତ୍ର' ପ୍ରକାଶ କରିଥିଲେ ମହତାବ । ୧୯୨୭ ମସିହାରେ ସାପ୍ତାହିକ ଆଡଭେର ପତ୍ରିକା ପ୍ରକାଶ କରିଥିଲେ । ୧୯୩୦ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ଗିରଫ ହୋଇ ୧୮ ମାସ ଜେଲ ବରଣ କରିଥିଲେ ।

୧୯୩୬ ମସିହା ଅପ୍ରେଲ ପହିଲାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହୋଇଥିଲା । ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାରର ପ୍ରତିବାଦରେ ୧୯୩୭ ମସିହାରେ ପଟ୍ଟାଭି ସୀତାରାମେୟାଙ୍କ ସଭାପତିତ୍ୱରେ ପ୍ରଜାମାନଙ୍କର ଏକ ସମ୍ମିଳନୀ କଟକ ଠାରେ ହୋଇଥିଲା । ଗଡଜାତ ପ୍ରଜାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ପାଇଁ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଏକ ତିନିଜଣିଆ କମିଟି ଗଠନ କରାଯାଇଥିଲା ।

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ନିଖିଳ ଭାରତ କଂଗ୍ରେସ କମିଟି ସତ୍ୟାଗ୍ରହ ପାଇଁ ସ୍ଥିରହେଲା । ଆନ୍ଦୋଳନକୁ ଚପାଇଦେବା ପାଇଁ ବ୍ରିଟିଶ ସରକାର ଦେଶର ସବୁ ବଡ ନେତାମାନଙ୍କୁ ଗିରଫ କରାଇ ନେଲେ । ଚାନ୍ଦବିବି କିଲ୍ଲା ବା ଅହମଦ ନଗର ଫୋର୍ଟ ଜେଲରେ ଦେଶର ବଡ ବଡ ନେତାଙ୍କ ସହିତ ମହତାବ ବନ୍ଦୀରେ ରହିଥିଲେ । ସେଠାରେ ସେ 'ଓଡିଶା ଇତିହାସ' ତିନୋଟି କାବ୍ୟ, ତିନୋଟି ଉପନ୍ୟାସ ଓ କେତୋଟି କବିତା ରଚନା କରିଥିଲେ । ଏହାଥିଲା ଓଡିଆ ସାହିତ୍ୟ ଭଣ୍ଡାରର ଅମୂଲ୍ୟ ରତ୍ନ ।

୧୯୪୬ ମସିହାରେ ହୋଇଥିବା ନିର୍ବାଚନରେ ୫୬ଟି ଆସନରୁ ୩୭ଟିରେ କଂଗ୍ରେସ ପ୍ରାର୍ଥୀମାନେ ବିନା ଲଢ଼େଇରେ ଜିତିଥିଲେ । ଅନ୍ୟ ୧୯ଟି ଆସନରେ ଲଢ଼େଇ ହୋଇଥିଲା । ସେଥିରୁ କଂଗ୍ରେସ ୧୦ଟି ପାଇଥିଲା । ମହତାବଙ୍କ ନେତୃତ୍ୱରେ ଓଡିଶାରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ୧୯୪୬ ମସିହା ଅପ୍ରେଲ ମାସରୁ ୧୯୫୦ ମସିହା ମେ ମାସ ପର୍ଯ୍ୟନ୍ତ ଓଡିଶାର ପ୍ରଧାନମନ୍ତ୍ରୀ ଥିଲେ । ଓଡିଶାର ଲାଟସାହେବ ସାର୍ ହାଥର୍ଣ୍ଣ ଲୁଇସ୍ ୧୯୪୫ ମସିହା ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ବନ୍ଧର ଶୁଭ ଦେଇଥିଲେ । (କ୍ରମଶଃ)


+ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫


### କବିତା କୋଣାର୍କ

### ମନ ଜାଣି ଫଳ ଦିଏ


ମୋହନ କୁମାର ସ୍ୱାଇଁ




ଜେଜେ ମାଆ ଚାହୁଁଥିଲେ ନାତି ଟିଏ ହଉ
କେହି କେବେ ପଚାରିଲେ ମୋ ନାଆଁ କହୁ
ବାପା ଅଜା ସମ୍ପତ୍ତିରେ ଯାହା କିଛି ଅଛି
ବଞ୍ଚି ଥିବା ଥାଏ ସବୁ ଭୋଗ କରିଥାଉ ।

ଯୋଗକୁ ବିଳମ୍ବରେ ନାତୁଣୀଟେ ହେଲା
ନାତୁଣୀ ବି ଆଇ ମା କୁ ଭଲ ପାଉଥିଲା
ଘଡ଼ିଏ ନ ଦେଖି ତାକୁ ରହେ ନାହିଁ ଜମା
ଯେମିତିକି ଆକାଶରେ ଲାଖିଛି ଚନ୍ଦ୍ରମା ।

ଆଇମା'ର ମନକଥା ବୁଝୁଥିଲା ସିଏ
ନାତି ଠାରୁ ଦୁଇପଦ ବଳି ଗଲା ସିଏ
ଅଜା ଆଉ ଆଇମାର ଏତେ ସେବା କଲା
ନାତି କଥା ମନରୁ ସେ ପୁରା ଭୁଲି ଗଲା ।

ଆଇମାର ଯେଉଁ ଦିନ ସ୍ୱର୍ଗ ବାସ ହେଲା
କାନ୍ଧରେ ନେବାକୁ ତାକୁ ଅଡିକି ବସିଲା
ବନ୍ଧୁ ସହୋଦର ସବୁ ମନା କଲେ ତାକୁ
ଶୁଣିଲେନି ଗ୍ରାମବାସୀ ଆକଟ କଥାକୁ ।

ପୁଅ ହେଉ ଝିଅ ହେଉ ଫରକ ତ ନାହିଁ
ମନୁଷ୍ୟତା ରହିଥିଲେ କିଛି ଲୋଡ଼ା ନାହିଁ
ବିଧିର ବିଧାନ କିଛି ଅନ୍ୟଥା ହୁଏନି
ମନ ଜାଣି ଫଳ ଦିଏ ପ୍ରଭୁ ଚକ୍ରପାଣି ।


+ବେଣାପୁର, କଣ୍ଟିଗଡିଆ, ଯାଜପୁର,
ମୋ:୮୧୧୮୦୯୯୦୩୮


### ସ୍ମୃତିକୁ ସାଉଁଟି ରଖିଛି ଏଯାଏଁ


ନୀଳମଣି ଚାନ୍ଦ




ସ୍ମୃତିକୁ ସାଉଁଟି ସ୍ମୃତିକୁ ସାଇତି
ରଖିଛି ମୁଁ ଆଜି ଯାଏ
ତା ପୃଷ୍ଠାକୁ ଖୋଲି ପଢେ ଯେତେ ବାର
ସେତେ ସେତେ ସୁଖ ପାଏ ।

ଲାଗେ ଆଷାଢ଼ର ପହିଲି ବରଷା
ଛୁଇଁ ଯାଏ ତନୁ ମନ
ଅବା ସିଏ ହୋଇ ମନର ମୟୂର
ନାଚୁଅଛି ଦେଖି ଘନ
ସେ ଏମିତି ଏକ ସୁଗମ ସଙ୍ଗୀତ
ସମୟ ତାଳରେ ଗାଏ ।

ସେ କେଉଁ ଖହଳ ନିଦର ସପନ
ଆପେ ତ ଆଖିକୁ ଆସେ
ଦୂର ଅପହଞ୍ଚ ବଣର ମାଳତୀ
ଭୁରୁ ଭୁରୁ ହୋଇ ବାସେ
ସ୍ମୃତି ମୂକସାକ୍ଷୀ, ସ୍ମୃତି ଶିଳାନ୍ୟାସ
ମନ ଭିତରେ ଯେ ଥାଏ ।


+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭



ସିନେମା ଓ ମନୋରଞ୍ଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି



# ଜାଗରଣ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଆ ସିନେମା 'ପୂୟୋଦକମ୍' ପ୍ରଦର୍ଶିତ

ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଚଳଚ୍ଚିତ୍ର ମହୋତ୍ସବରେ ଓଡ଼ିଆ ସିନେମା 'ପୂୟୋଦକମ୍' ପ୍ରଦର୍ଶିତ ହୋଇଯାଇଛି। ଏଥିରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନଗୁନ, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ। ନଭେମ୍ବର ୧୩ରୁ ୧୬ ତାରିଖ ଯାଏ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ 'ପୂୟୋଦକମ' ବେଶ ପ୍ରଶଂସା ସାଉଁଟିଛି। ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ଆଦୃତ ହୋଇଛି। ଗୁନଗୁନ ଫିଲ୍ମସ୍ ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଜଣାଶୁଣା ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି। କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଧ୍ୟ ସେ ଦାୟିତ୍ୱ ତୁଲାଇଛନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି ଗୁନଗୁନ ଓ ରୀନା ଜେନା। ବିଭିନ୍ନ ଭୂମିକାରେ ଗୁନଗୁନ, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିଭୂ ଦାସ ଓ ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି। କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତ ସଂଯୋଜନାରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି। ସାଉଣ୍ଡ ଡିଜାଇନ କରିଛନ୍ତି ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ। ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନଗୁନ ସୂଚନା ଦେଇଛନ୍ତି।




# ମାହିକା ଶର୍ମାଙ୍କ ସହ ନିର୍ବନ୍ଧ କଲେ ହାର୍ଦ୍ଦିକ ପାଣ୍ଡ୍ୟା: ଏହି କାରଣରୁ ଜୋର ଧରିଲା ଚର୍ଚ୍ଚା



ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅଭିନେତ୍ରୀ-ମଡେଲ ମାହିକା ଶର୍ମା ଏବେ ଖୋଲାଖୋଲି ଭାବରେ ପରସ୍ପରକୁ ଡେଟ୍ କରୁଛନ୍ତି। ଏହି ଦମ୍ପତି ଲଗାତାର ସୋସିଆଲ ମିଡିଆରେ ସେମାନଙ୍କର ପ୍ରେମଭରା ଫଟୋ ଶେୟାର କରୁଛନ୍ତି। କିନ୍ତୁ ଏହି ସମସ୍ତ ସୁନ୍ଦର ଫଟୋ ମଧ୍ୟରେ, ଗୋଟିଏ ଜିନିଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ମାହିକାଙ୍କ ଆଙ୍ଗୁଠିରେ ଏକ ଚମକଦାର ହୀରା ମୁଦି, ଯାହା ଗୁଜବ ସୃଷ୍ଟି କରିଛି ଯେ ହାର୍ଦ୍ଦିକ ତାଙ୍କ ପ୍ରେମିକା ମାହିକାଙ୍କ ସହିତ ନିର୍ବନ୍ଧ କରିଛନ୍ତି। ପ୍ରକୃତରେ, ହାର୍ଦ୍ଦିକ ନିକଟରେ ମାହିକା, ତାଙ୍କ ପୁଅ ଅଗସ୍ତ୍ୟ ଏବଂ ତାଙ୍କ ପାଳିତ କୁକୁର ସହିତ ତାଙ୍କର "ବିଗ ୩" ଉତ୍ସବ ପାଳନ କରୁଥିବାର ଫଟୋ ପୋଷ୍ଟ କରିଛନ୍ତି। ଗୋଟିଏ ଫଟୋରେ, ଦମ୍ପତି ଏକାଠି ପୂଜା କରୁଥିବାର ଦେଖାଯାଉଛି, ଏବଂ ମାହିକା ତାଙ୍କ ବାମ ଆଙ୍ଗୁଠିରେ ଏକ ଚମକଦାର ହୀରା କିଙ୍ଗ ସାଇଜ ମୁଦି ପିନ୍ଧିଥିବାର ଦେଖାଯାଉଛି। ଏହା ପରେ, ସୋସିଆଲ ମିଡିଆ ବ୍ୟବହାରକାରୀମାନେ ତୁରନ୍ତ ଅନୁମାନ କରିବା ଆରମ୍ଭ କରିଦେଲେ ଯେ ଏହି ଦମ୍ପତି ନିର୍ବନ୍ଧ କରିସାରିଛନ୍ତି। ଏହି ଫଟୋଗୁଡ଼ିକରେ ଉଭୟ ପାରମ୍ପରିକ ପୋଷାକରେ ଦେଖାଯାଇଛନ୍ତି। ଗୋଟିଏ ଫଟୋରେ ହାର୍ଦ୍ଦିକ ମାହିକାଙ୍କୁ ଗାଲରେ ଚୁମ୍ବନ ଦେଉଥିବାର ମଧ୍ୟ ଦେଖାଯାଇଛି। ଏହା ଉଲ୍ଲେଖନୀୟ ଯେ କିଛି ଦିନ ପୂର୍ବରୁ ମାହିକା ନିଜେ ଏକ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତାଙ୍କ ବାମ ହାତରେ ଏକ ମୁଦି ସ୍ପଷ୍ଟ ଭାବରେ ଦେଖାଯାଉଥିଲା। ବର୍ତ୍ତମାନ, ହାର୍ଦ୍ଦିକ କିମ୍ବା ମାହିକା ନିର୍ବନ୍ଧ ଗୁଜବ ଉପରେ ପ୍ରତିକ୍ରିୟା ଦେଇନାହାଁନ୍ତି।



## ପୁଣି ଆସୁଛନ୍ତି ଚୁଲବୁଲି ପାଣ୍ଡେ



ସଲମାନ ଖାନ୍ ଚଳିତ ବର୍ଷ ଗୋଟିଏ ଫିଲ୍ମ ରିଲିଜ୍ କରିସାରିଛନ୍ତି। 'ସିକନ୍ଦର' ଭାଇଜାନଙ୍କ ଆଶାକୁ ଭାଙ୍ଗି ଦେଇଛି। ସେବେଠାରୁ ସେ ଅନେକ ଫିଲ୍ମ ବିଷୟରେ ଆଲୋଚନାରେ ଅଛନ୍ତି। ବର୍ତ୍ତମାନ, ଅଭିନେତାଙ୍କ ସମ୍ପୂର୍ଣ୍ଣ ଧ୍ୟାନ ତାଙ୍କର ସାମରିକ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ରହିଛି। ଅପୂର୍ବ ଲାଖିଆଙ୍କ ଫିଲ୍ମ ଆସନ୍ତା ବର୍ଷ, ୨୦୨୬ରେ ରିଲିଜ୍ ହେବ। ଏହା ପୂର୍ବରୁ, 'ଦବଙ୍ଗ ୪' ବିଷୟରେ ଏକ ଅପଡେଟ୍ ମଧ୍ୟ ସାମ୍ନାକୁ ଆସିଛି। ଏନେଇ ଅରବାଜ ଖାନ ସୂଚନା ପ୍ରଦାନ କରିଛନ୍ତି। ସଲମାନ ଖାନଙ୍କ ପୂର୍ବ ଦୁଇଟି ପ୍ରୟାସ ସଫଳ ହୋଇନାହିଁ। 'ଟାଇଗର ୩' ଭଲ ଆୟ କରିଥିଲେ ମଧ୍ୟ ଏହା ଆଶାଠାରୁ ବହୁତ କମ୍ ଥିଲା। ସେହିପରି 'ସିକନ୍ଦର' ରିଲିଜ୍ ହେବା ପରେ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ବର୍ତ୍ତମାନ, ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ତାଙ୍କର ପରବର୍ତ୍ତୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ରହିଛି। ସେ ଅପୂର୍ବ ଲାଖିଆଙ୍କ ଫିଲ୍ମରେ ଜଣେ ସୈନିକ ଭୂମିକାରେ ଅଭିନୟ କରୁଛନ୍ତି। ଯାହାର ପ୍ରଥମ ସିଡ୍ୟୁଲ୍ ଲଦାଖରେ ସମାପ୍ତ ହୋଇଥିଲା। ସେ ତାଙ୍କର ପରବର୍ତ୍ତୀ ଫିଲ୍ମ ବିଷୟରେ ମଧ୍ୟ ଆଲୋଚନା କରୁଛନ୍ତି। ଏହି ସମୟରେ 'ଦବଙ୍ଗ ୪' ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍ ମିଳିଛି। ସଲମାନ ଖାନଙ୍କ 'ଦବଙ୍ଗ ୪' ବହୁତ ଦିନ ଧରି ଖବରରେ ରହିଛି। ପ୍ରଥମ 'ଦବଙ୍ଗ' ୨୦୧୦ରେ, ଦ୍ୱିତୀୟ ୨୦୧୨ରେ ଏବଂ ତୃତୀୟ ୨୦୧୯ରେ ମୁକ୍ତିଲାଭ କରିଥିଲା। ଏବେ 'ଦବଙ୍ଗ ୪' ଆସିବାକୁ ଯାଉଛି। ସମସ୍ତେ ସଲମାନ ଖାନଙ୍କୁ ପୁଣି ଥରେ ଚୁଲ୍‌ବୁଲ୍ ପାଣ୍ଡେ ଭାବରେ ଦେଖିବାକୁ ଚାହାଁନ୍ତି। ସଲମାନ ଖାନ ଏବଂ ଦବଙ୍ଗ ଫ୍ରାଞ୍ଚାଇଜର ପ୍ରଶଂସକମାନଙ୍କ ପାଇଁ ଏକ ବହୁତ ଭଲ ସୂଚନା ଅଛି। ଏହି ଫ୍ରାଞ୍ଚାଇଜ ଏପର୍ଯ୍ୟନ୍ତ ଶେଷ ହେଉନାହିଁ। ଅରବାଜ ଖାନ ପ୍ରକାଶ କରିଛନ୍ତି, ଏହାର ଚତୁର୍ଥ ସଂସ୍କରଣ ପାଇପଲାଇନରେ ଅଛି। ଏକ ପ୍ରୋଜେକ୍ଟ ଯାହା ବିଷୟରେ ଲୋକମାନେ ବହୁତ ଦିନ ଧରି ପଚାରୁଛନ୍ତି। ସଲମାନ ଖାନଙ୍କ ଭାଇ ଏବେ ପ୍ରକାଶ କରିଛନ୍ତି ଯେ, ଆଲୋଚନା ଚାଲିଛି, କିନ୍ତୁ ସେ ଏପର୍ଯ୍ୟନ୍ତ ଏହାର ସମୟସୀମା ଜାଣିନାହାନ୍ତି। ସମସ୍ତଙ୍କ ପ୍ରଶ୍ନ ପରେ, ଅରବାଜ ଖାନ ଏହାକୁ ନିଶ୍ଚିତ କରି କହିଛନ୍ତି, ଆମେ ବର୍ତ୍ତମାନ ଏହା ଉପରେ କାମ କରୁଛୁ। ତେବେ ଏନେଇ କୌଣସି ଜଲଦି ନାହିଁ।

# ପୁଣି ମା'ହେବାକୁ ଯାଉଛନ୍ତି ସୋନମ କପୁର: ଫଟୋ ଶେୟାର କରି କଲେ ଘୋଷଣା

ବଲିଉଡ ଅଭିନେତ୍ରୀ ସୋନମ କପୁର ଗର୍ଭବତୀ ଅଛନ୍ତି। ସେ ଏକ ଅନନ୍ୟ ଉପାୟରେ ତାଙ୍କର ଦ୍ୱିତୀୟ ଗର୍ଭଧାରଣ ଘୋଷଣା କରିଛନ୍ତି। ତାଙ୍କର ପୋଷ୍ଟ ଭାଇରାଲ ହେବାରେ ଲାଗିଛି। ସୋନମ କପୁର ଗୋଲାପୀ ପୋଷାକରେ ଅନେକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କର ବେବି ବମ୍ପକୁ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳୁଛି। ସୋନମ ବହୁତ ଷ୍ଟାଇଲିସ ଢଙ୍ଗରେ ତାଙ୍କ ଗର୍ଭବତୀ ହେବାର ଘୋଷଣା କରିଛନ୍ତି। ଫଟୋଗୁଡ଼ିକୁ ଶେୟାର କରି ସୋନମ ଏକ ଚୁମ୍ବନ ଇମୋଜି ସହିତ କ୍ୟାପସନରେ ଲେଖିଛନ୍ତି, "ମା"। ସେ ପୋଷ୍ଟରେ ଆନନ୍ଦ ଆହୁଜାଙ୍କୁ ଟ୍ୟାଗ କରିଛନ୍ତି। ସୋନମଙ୍କ ଏହି ପୋଷ୍ଟ ଆସିବା ମାତ୍ରେ ସେଲିବ୍ରିଟି ଏବଂ ପ୍ରଶଂସକମାନେ ତାଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଦେଇଛନ୍ତି। ସୋନମ ଗର୍ଭବତୀ ହେବା ନେଇ ଗୁଜବ ବହୁତ ଦିନ ଧରି ଚାଲିଥିଲା, କିନ୍ତୁ ଅଭିନେତ୍ରୀ ଏହି ବିଷୟରେ ଚୁପ ରହିଥିଲେ। ଏବେ, ସେ ଏକ ପୋଷ୍ଟ ଶେୟାର କରି ଏହି ଘୋଷଣା କରିଛନ୍ତି। ସାତ ବର୍ଷ ବିବାହ ପରେ ସୋନମ କପୁର ଦ୍ୱିତୀୟ ଥର ପାଇଁ ମାଆ ହୋଇଛନ୍ତି। ସେ ୨୦୨୨ ରେ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ।



# ପୁଅର ନାଁ ରଖିଲେ ପରିଣୀତି



ପରିଣୀତି ଚୋପ୍ରା ଏବଂ ରାଘବ ଚଢା ନିକଟରେ ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ପ୍ରଶଂସକମାନେ ସେମାନଙ୍କ ପୁଅର ଏକ ଝଲକ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ। ଏବେ ଏହି ଦମ୍ପତି ସେମାନଙ୍କ ଅପେକ୍ଷାର ଅନ୍ତ ଘଟାଇ ଏକ ମାସ ପରେ ସେମାନଙ୍କ ପୁଅର ପ୍ରଥମ ଫଟୋ ଶେୟାର କରିଛନ୍ତି। ପରିଣୀତି ଅକ୍ଟୋବର ୧୯ରେ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ପରିଣୀତି ତାଙ୍କ ପୁଅ ସହିତ ସୋସିଆଲ ମିଡିଆରେ ସୁନ୍ଦର ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁଅର ପାଦ ଚୁମ୍ବନ କରୁଥିବାର ଦେଖାଯାଇଛି। ଅନ୍ୟ ଏକ ଫଟୋରେ ପୁଅର ତାଙ୍କ ପାଦ ଧରିଛନ୍ତି। ଏହି ଫଟୋଗୁଡ଼ିକରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ମୁହଁ ଦେଖାଇ ନାହାଁନ୍ତି। ସେମାନଙ୍କ ପୁଅର ଫଟୋ ଶେୟାର କରିବା ସହିତ, ପରିଣୀତି ତାଙ୍କ ନାମ ମଧ୍ୟ ପ୍ରକାଶ କରିଛନ୍ତି। ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ନାମ ନୀର ରଖିଛନ୍ତି। ଫଟୋ ଶେୟାର କରି ସେ ଲେଖିଛନ୍ତି, ଜଲସ୍ୟ ରୂପଂ, ପ୍ରେମସ୍ୟ ସ୍ୱରୂପମ – 'ତତ୍ର ଏଭା ନୀର।' ଜୀବନର ଏକ ଅସୀମ ବୁନ୍ଦାରେ ଆମ ହୃଦୟ ଶାନ୍ତି ପାଇଲା। ଆମେ ତାଙ୍କୁ 'ନୀର' ନାମ ଦେଲୁ – ପବିତ୍ର, ଦିବ୍ୟ, ଅସୀମ।

# ପ୍ରଶଂସା ସାଉଣ୍ଟୁଛି ଅଭିଜିତଙ୍କ 'ସଜନା'



ରିଲିଜ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ ଭିଡିଓ 'ସଜନା' । ଏହା ଦର୍ଶକଙ୍କ ମନକୁ ଛୁଇଁଛି ଓ ଖୁବ୍ ? ପ୍ରଶଂସା ସାଉଣ୍ଟୁଛି ।

'ସଜନା'- ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ ଫ୍ୟୁଜନ ଯାହା ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଦେଇଛି ଏକ ସ୍ୱତନ୍ତ୍ର ପରିଚୟ । ସଜନା- ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ, ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି । ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ।

ଏହି ମ୍ୟୁଜିକ ଭିଡିଓରେ ଓଲିଉଡ଼ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି । ସିନେମାରେ ନିଜର ସଫଳ ଅଭିନୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ସୂର୍ଯ୍ୟମୟୀ ବି ହିନ୍ଦୀ ଆଲବମରେ ବେଶ ଚମତ୍କାର ଅଭିନୟ କରିଛନ୍ତି । 'ସଜନା' ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି ।

ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି । କେବଳ ସଜନା ନୁହେଁ ପୂର୍ବରୁ- ଲୁଟ ଗଏ, ନାରୀ, ତୁମ ଔର ହମ୍, କରାର୍ ଦେ, ମେଁ ତେରା ହୋନେ ଲଗାହୁଁ, ସୱାଲ, ତେରେ ଲିଏ ପରି ଅନେକ ଗୀତରେ ନିଜ ଯାଦୁଗରୀ ସ୍ପର୍ଶ ଦେଇଥିବା ଅଭିଜିତ ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର' ପାଇଁ ଗତବର୍ଷ ଜାତୀୟ ସ୍ତରର ପୁରସ୍କାର ଲାଭ କରିଥିଲେ ।

ମେକାନିକାଲ ଇଞ୍ଜିନିୟରରୁ ମ୍ୟୁଜିକର ମାୟାରେ ପଡ଼ିଥିବା ଅଭିଜିତ ୧୫ରୁ ଅଧିକ ସିନେମାରେ କଣ୍ଠଦାନ କରିଛନ୍ତି, ଅନେକ ଯାତ୍ରା ଏବଂ ସିଲିଏଲର ଟାଇଟେଲ୍ ଟ୍ରାକ୍ ଗାଇଛନ୍ତି । ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ ସଜନାକୁ ନେଇ ଆଶାବାଦୀ ଅଛନ୍ତି ।

# ଚଳିତ ବର୍ଷ ଟୁନିଆଁଙ୍କ ବିଚାର ପ୍ରଶଂସା ସାଉଣ୍ଟୁଛି ଦର୍ଶକ ମହଲରେ

ଓଡ଼ିଶାର ଯାତ୍ରା ଜଗତରେ ଯେଉଁ ଅଭିନେତ୍ରୀ ମାନେ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଦକ୍ଷ ଅଭିନେତ୍ରୀ ଟୁନିଆଁ ମଲ୍ଲିକ ଅନ୍ୟତମ । ସେ ଅପେରା ସାମ୍ରାଜ୍ୟରେ ଜଣେ ଚର୍ଚ୍ଚିତ ଚେହେରା ଓ ଆଗ ଧାଡ଼ିର ଖୁବ୍ ଲୋକପ୍ରିୟ ଅଭିନେତ୍ରୀ। ସେ ସର୍ବଦା ସକାରାତ୍ମକ ଓ ନକାରାତ୍ମକ ଚରିତ୍ରରେ ଅଭିନୟ କରି ଅଭିନୟକୁ ଖୁବ୍ ଜୀବନ୍ତ ରୂପ ଦେବାରେ ବେଶ୍ ପାରଙ୍ଗମ। ବିଗତ ବର୍ଷ ମାନଙ୍କରେ ତୁଳସୀ ଗଣନାଟ୍ୟ ,ଗୌରୀ ଗଣନାଟ୍ୟ,ବାଣେଶ୍ୱରୀ ଗଣନାଟ୍ୟ,ବିଶ୍ୱ ଦରବାର, କୋଣାର୍କ ଗଣନାଟ୍ୟ,ଇଷ୍ଟର୍ଣ୍ଣ ଅପେରା ପ୍ରଭୃତି ଆଗ ଧାଡ଼ିର ଯାତ୍ରା ଅନୁଷ୍ଠାନରେ ସେ ନାୟିକା ଭାବରେ ଅଭିନୟ କରିଥିଲେ ଓ ଉଚ୍ଚ ପ୍ରଶଂସିତ ହୋଇଥିଲେ। ବର୍ତ୍ତମାନ ସେ ଚରିତ୍ର ଅଭିନେତ୍ରୀ ଭାବରେ ଯାତ୍ରା ରାଜ ନନ୍ଦିନିରେ ଅଭିନୟ କରୁଛନ୍ତି। ଯାତ୍ରା ଜଗତରେ ତାଙ୍କ ଅଭିନୀତ ସଫଳ ନାଟକ ମଧ୍ୟରେ ରହିଛି ସୁର ସାରଙ୍କ ସାନ ଝିଅ, ବଡଦାଣ୍ଡ ପୁରୀ, ବାଜିବଲୋ ଶାହାନାଇ, ଶହେ ମାନସିକ ତୋରି ପାଇଁ, ସ୍ୱାମୀଙ୍କୁ ଛୁଇଁଲେ ପାପ, ସଜେଇ ଦିଅଲୋ ବେଦୀକୁ ଯିବି, ଅର୍ଦ୍ଧାଙ୍ଗିନୀ, ଡାକ ବଙ୍ଗଳା, କିଏ ହୀରା କିଏ ମୋତି ମାଣିକ, ସାନ ଶାଳୀ ଘର ଭୁବନେଶ୍ୱର, ଦେରେ ଧରା ମୋ ଦୁଃଖ ପାଶୋରା । ଓଡ଼ିଶାର କୋଣ ଅନୁକୋଣରେ ସେ ବେଶ୍ ପରିଚିତ। ପ୍ରତ୍ୟେକ ଚରିତ୍ରକୁ ସେ ଭଲ ଭାବରେ ବୁଝନ୍ତି । ନିଜର ସ୍ୱତନ୍ତ୍ର ଷ୍ଟାଇଲରେ ସେ ସଂଳାପ କୁହନ୍ତି ଓ ଦର୍ଶକଙ୍କ ମନ ଜିଣନ୍ତି। ଚଳିତ ବର୍ଷ ଯାତ୍ରା ରାଜ ନନ୍ଦିନୀର ମୁଖ୍ୟ ଅଭିନେତ୍ରୀ ଭାବରେ ସେ ନାଟକର ମଙ୍ଗ ଧରିଛନ୍ତି। ତାଙ୍କ ଅଭିନୀତ ନାଟକ ଏମିତି ବିଚାର କେବେ ଦେଖିନି ରେ ତାଙ୍କ ଜୀବନ୍ତ ଅଭିନୟ ଓ ସଂଳାପ ଦର୍ଶକଙ୍କ ଠାରେ ଖୁବ୍ ଆଦୃତ ହୋଇଛି ଓ ଅନେକ ଦର୍ଶକ ଆଖିରୁ ଲୁହ ଝରାଇଛନ୍ତି। ହଜାର ହଜାର ଯାତ୍ରା ପ୍ରେମୀ ଦର୍ଶକ ବନ୍ଧୁ ଏହି ସୁନ୍ଦର ଓ ମନଛୁଆଁ ନାଟକ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଭିଡ ଜମାଉଛନ୍ତି। ସେହିପରି ଅନ୍ୟ ଏକ ନାଟକ ମୋ ସିନ୍ଦୂର ଲାଗୁଛି ଫିକା ଅବିର ନାଟକରେ ଏକ ଅହଙ୍କାରୀ ସନ୍ତାନ ମା ର ନକାରାତ୍ମକ ଚରିତ୍ରରେ ଅଭିନୟ କରି ଟୁନିଆଁ ଦର୍ଶକଙ୍କ ହୃଦୟ କୁ ଜିତି ପାରିଛନ୍ତି। ଦର୍ଶକ ବନ୍ଧୁ ତାଙ୍କ ଖଳ ନାୟକ ଚରିତ୍ରରେ ଅଭିନୟ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି। ବିଶେଷ କରି ନିଜ ଝିଅର ପ୍ରେମକୁ ବିରୋଧ କରି ତାକୁ ଅତ୍ୟାଚାର କରି ମାରି ଦେବାର ଦୃଶ୍ୟଟିକୁ ସେ ଅତ୍ୟନ୍ତ ଜୀବନ୍ତ କରି ତୋଳିଛନ୍ତି ଓ ବହୁ ପ୍ରଶଂସାର ଅଧିକାରୀ ହୋଇ ପାରିଛନ୍ତି। ଇଶ୍ୱର ଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ ଏବଂ ତାଙ୍କର ସମସ୍ତ ସ୍ୱପ୍ନ ପୂରଣ ହେଉ। ଆଗକୁ ଯାତ୍ରା ପ୍ରେମୀ ଦର୍ଶକ ବନ୍ଧୁ ମାନଙ୍କୁ ଏମିତି ବହୁତ ସୁନ୍ଦର ସୁନ୍ଦର ନାଟକ ଉପହାର ଦିଅନ୍ତୁ। ଆମର ଇଶ୍ୱରଙ୍କ ଠାରେ ଏତିକି କାମନା।



ଉପସ୍ଥାପନା:
ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ:୯୯୩୭୯୭୬୩୫୧

# ଝାନ୍ସିରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଗଣଦୌଡ଼

ପୁରୀ,୧୯/୧୧ (ନି.ପ୍ର): ରାଷ୍ଟ୍ର ସେବିକା ସମିତିର ତରୁଣୀ ବିଭାଗ ତରଫରୁ ମାଣିକର୍ଣ୍ଣିକା ଝାନ୍ସିରାଣୀ ଲକ୍ଷ୍ମୀବାଇଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ଗଣଦୌଡର ଆୟୋଜନ କରାଯାଇଥିଲା । ନାରୀମାନଙ୍କର ସ୍ୱସରଂକ୍ଷଣକ୍ଷମ କରି ଗଢିତୋଳିବାସହ ଭାରତବର୍ଷକୁ ପରମ ବୈଭ୍ୱାଶାଳୀ ରାଷ୍ଟ୍ର ରୂପେ ପରିଣତ କରାଇବାର ଧେୟ ନେଇ ସତତ କାର୍ଯ୍ୟରତ । ନାରୀମାନଙ୍କର ଶାରୀରିକ, ମାନସିକ ତଥା ବୌଦ୍ଧିକ ଉର୍ନତି ହେଲେହେଁ ପରିବାର, ସମାଜ ଓ ରାଷ୍ଟ୍ର ନିମିତ୍ତ ନିଜର ଶ୍ରେଷ୍ଠ ଯୋଗଦାନ ଦେଇପାରିବେ । ରାଣୀ ଲକ୍ଷ୍ମୀବାଇଙ୍କୁ ନିଜର ଆଦର୍ଶ ରୂପେ ମାନୁଥିବା ସମିତି ତାଙ୍କୁ ମନେପକାଇ ଦେଶ ନାମରେ ଏକ ନିରନ୍ତର ଦୌଡର ଆୟୋଜନ କରି ତରୁଣୀମାନଙ୍କ ମନରେ ଦେଶଭକ୍ତିର ଜ୍ୱାଳା ଉପୂର୍ଣ୍ଣ କରିବାହିଁ ଏହାର ଲକ୍ଷ୍ୟ । ସ୍ଥାନୀୟ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଭାଗୃହଠାରେ ସକାଳ ୬ଟା ୩୦ସମୟରେ ଏହି ଉପଲକ୍ଷେ ଏକ ସଭାର ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ କଳ୍ପନା ମିଶ୍ର, ମୁଖ୍ୟବକ୍ତା ଭାବେ ସୁଶ୍ରୀ ଆକାଂକ୍ଷା ଶତପଥୀ ଯୋଗଦେଇ ଲକ୍ଷ୍ମୀବାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ର ସେବିକା ସମିତିର କ୍ଷେତ୍ରପ୍ରଚାରିକା ସୁଶ୍ରୀ ଲତିକା ପାଢ଼ୀ, ପ୍ରାନ୍ତ ସହ କାର୍ଯ୍ୟାବାହିକା କବିତା ରଥ, ସ୍ନେହଲତା ମିଶ୍ର, ଜିଲ୍ଲା ସେବା ପ୍ରମୁଖ ଜୟନ୍ତୀ ମହାପାତ୍ର, ଯୋଗା ପ୍ରଶିକ୍ଷିକା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ନଗର କାର୍ଯ୍ୟ ବାହିକା ସରୋଜିନୀ ମହାପାତ୍ର, ରୋଜାଲିନ ମିଶ୍ର, ସଂଘମିତ୍ରା ମିଶ୍ର, ଜ୍ୟୋତିର୍ମୟୀ ଦାଶ, ବିଦ୍ୟାର୍ଥୀବିସ୍ତାରିକା ଅର୍ଚ୍ଚିତା ପ୍ରିୟଦର୍ଶିନୀ ସମେତ ପୁରୀ ସହରର ସମସ୍ତ ମହାବିଦ୍ୟାଳୟରୁ ପଚାଶରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ ।

# ଖେଳକୁଦ ବିଦ୍ୟାର୍ଥୀମାନଙ୍କୁ ଶକ୍ତି ଯୋଗାଇଥାଏ

ପୁରୀ,୧୯/୧୧ (ନି.ପ୍ର): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେବାର୍ଷିକ ଖେଳକୁଦ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବେ ପୂର୍ବତନ ପୌରସଦସ୍ୟ ଭକ୍ତଚରଣ ଦାସ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମିଶ୍ର, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା,ଭୋଳାନାଥ ବିଦ୍ୟାପୀଠର ଖେଳ ଶିକ୍ଷକ ନିରଞ୍ଜନ ମିଶ୍ର ଯୋଗଦେଇ ଖେଳକୁଦ ବିଦ୍ୟାର୍ଥୀମାନଙ୍କୁ ଶକ୍ତି ଯୋଗାଇବ ବୋଲି କହିଥିଲେ । କ୍ରୀଡା ଉତ୍ସବରେ ଛାତ୍ରଛାତ୍ରୀଙ୍କ ଲୁକାୟିତ କ୍ରୀଡା ପ୍ରତିଭା ବିକାଶିତ ହୋଇଥାଏ। ବିଦ୍ୟାଳୟର ଛାତ୍ରୀ ଲିପ୍ସା ସାହୁ, ଖୁସୁବ୍ ରାଣୀ ଜଗଦେବ, ଶୁଭଶ୍ରୀ ନାୟକ, ଶିବାନୀ ଗୌଡ, ପାୟଲ ସାହୁ, ଲିପସା ମାଝି ଓ ତୁଳସୀ ସାହୁ କ୍ରୀଡା ମଶାଲ ଧରି ସହର ପରିକ୍ରମା କରିଥିଲେ । ଦୌଡି ଡିଆଁ, ଆଳୁ ଚାମୁଚ, ଅଙ୍କ ଦୌଡ ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା । ନବକୁମାର ନାୟକ, ନିରଞ୍ଜନ ମିଶ୍ର କ୍ରୀଡା ପରିଚାଳନା କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ,ମଧୁମିତା ପ୍ରଧାନ, ସୁଜାତା ଧଳ, ରଶ୍ମିତା ତ୍ରିପାଠୀ, ସ୍ୱାଗତିକା ପ୍ରଧାନ, ମାହେଶମିତା ପ୍ରଧାନ, ହରପ୍ରିୟା ପଣ୍ଡା, ଅର୍ଚ୍ଚନା ସାହୁ, ରାନୁ ମାଝି, ଶିକ୍ଷକ ଦିଲ୍ଲୀପ ସାହୁ, ବିକାଶ ବେହେରା, ମୀନକେତନ ବେହେରା ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କୁ କ୍ରୀଡା ପାଇଁ ଉତ୍ସାହିତ କରିଥିଲେ। ମନସ୍ୱିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଳା(ମିଲନେଷ୍ଟିକ) ବାଘ ବିଚରଣ ବେଳର ଫଟୋ ସୋସିଆଲ ମିଡିଆରେ ଭାଇରାଲ

ବାରିପଦା,୧୯/୧୧ (ନି.ପ୍ର): ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟରେ କଳା ବାଘ( ମିଲନେଷ୍ଟିକ ଟାଇଗାର)ଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏକ ଝରଣା ଭିତରେ କଳା ବାଘ ଛୁଆ ବିଚରଣ କରୁଥିବା ଫଟୋ ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ଉପସ୍ଥିତି ନେଇ ଶିମିଳିପାଳର ବନ୍ୟଜନ୍ତୁ ମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା କ୍ୟାମେରା ଜରିଆରେ ଉକ୍ତ ଫଟୋ କଏଦ ହୋଇଛି। ଯାହାକି ନ୍ୟାସନାଲ ଜିଓଗ୍ରାଫି ଚ୍ୟାନେଲର ସୋସିଆଲ ମିଡିଆ ପେଜରେ ପୋଷ୍ଟ ହୋଇଥିବା ବେଳେ ବିପୁଳ ସେୟାର ହୋଇଛି। ଶିମିଳିପାଳ ଅଭୟାରଣ୍ୟରେ ଏକ ମିଲନେଷ୍ଟିକ ପ୍ରଜାତିର କଳା ବାଘ ବିଚରଣ କରୁଥିବାର ଫଟୋ କଏଦ ହୋଇଛି। ଯାହାକି କଳା ବାଘଙ୍କ ଉପସ୍ଥିତ ସହ ତାଙ୍କ ପରିବାର ବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମିଲନେଷ୍ଟକ ପ୍ରଜାତିର କଳାବାଘ ଅଟେ। ଯେଉଁ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। କିଛି ଦିନ ପୂର୍ବେ ଉକ୍ତ ଦୁଇ ବାଘ ଛୁଆ ଖେଳୁଥିବାର ଭିଡ଼ିଓ ପିସିସିଏଫ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପେଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ମାନେ ସୁରକ୍ଷିତ ଭାବେ ବିଚରଣ କରୁଥିବାର ବିରଳ ଦୃଶ୍ୟ ସମ୍ମୁଖକୁ ଆସିଛି। ସମଗ୍ର ଭାରତର ଏହି ପ୍ରଜାତିର କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନଟିସିଏ ଘୋଷଣା କରିସାରିଛି।

## ପୁଣି କମାଲ ଦେଖାଇଲେ ସମ୍ବଲପୁର ଭିସୁଟ ଛାତ୍ରଛାତ୍ରୀ

ସମ୍ବଲପୁର,୧୯/୧୧ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ର ଛାତ୍ରଛାତ୍ରୀ ମାନେ ଇଭି ରେସିଂ ଫର୍ମୁଲା କାର ତିଆରି କରି ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କୋଇମ୍ବାଟୁର ଠାରେ ଜନସନ ବୈଷୟିକ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ଏହି 'ଫର୍ମୁଲା ଇମ୍ପେରିଆଲ୍ ୨୦୨୫' ରେ ଭିସୁଟ ର'ଟିମ୍ ବୀର ରେସର୍ସ ଇଲେକ୍ଟ୍ରିକ୍' ବୈଦ୍ୟୁତିକ ଯାନ(ଇଭି) ଶ୍ରେଣୀରେ ଏହି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟର ଏନଆଇଟି, ଆଇଆଇଟି ଭଳି ବୈୟିକ ଶିକ୍ଷାନୁଷ୍ଠାନ ରୁ ୨୮ ଟି ଟିମ୍ ଭାଗ ନେଇଥିଲେ। ତନ୍ମଧ୍ୟରୁ ୧୬ ଟି ଟିମ ଇଭି ବର୍ଗରେ ପ୍ରତିଯୋଗିତା କରିଥିଲେ। ଓଡିଶାର ଏକମାତ୍ର ଟିମ୍ ଭାବରେ ଭିସୁଟ ର ବୀର ରେସର୍ସ ଇଲେକ୍ଟ୍ରିକ୍ ଏହି ପ୍ରତିଯୋଗିତାରେ ଭାଗ ନେଇ ସଫଳତା ପାଇ ଓଡିଶା କୁ ଗର୍ବିତ କରିଛନ୍ତି କ୍ଷ ତେବେ ଏହି ଇଭି ଫର୍ମୁଲା ରେସିଂ କାରକୁ ଭିସୁଟ ର ଛାତ୍ରଛାତ୍ରୀ ମାନେ ଦିନ ରାତି ପରିଶ୍ରମ କରି ତିଆରି କରିଛନ୍ତି। ନିଜ ପାଠ ପଢ଼ାରୁ ସମୟ ବାହାର କରି ଏହି କାର କୁ ଭିସୁଟ ର ୬୦ ଜଣିଆ ଛାତ୍ରଛାତ୍ରୀ ଦଳ ନିଜ ବୁଦ୍ଧି ଓ କୌଶଳ ବଳରେ ଇଭି ପାଇଁ ତିଆରି କରିଛନ୍ତି। ଏହି ଇଭି କାର ଟି ଘ ଂଟାପ୍ରତି ୮୦ କିଲୋ ମିଟର ବେଗରେ ଚାଲିପାରୁଛି କ୍ଷ ଏଥିରେ ୭୨ ଭୋଲ୍ଟ ବ୍ୟାଟେରୀ ବ୍ୟବହାର ହୋଇଥିବା ଏହାର ସ୍ପିଡ ଘ ଂଟା ପ୍ରତି ୧୨୦ କିମି ଗତି ନେଇପାରିବ। ଖାସ କରି ଛାତ୍ରଛାତ୍ରୀ ମାନେ ଏହାକୁ ନିଜେ ତିଆରି କରିଥିବା ବେଳେ ଏଥିରେ ଲାଗିଥିବା ଯନ୍ତ୍ରାଂଶ ମଧ ନିଜେ ଡିଜାଇନ କରିଛନ୍ତି।

# ଚତୁର୍ଥ ବାର୍ଷିକ ଚମ୍ପୁଆ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

କେନ୍ଦୁଝର,୧୯/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ଚତୁର୍ଥ ବାର୍ଷିକ ଚମ୍ପୁଆ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଂଟ ଚମ୍ପୁଆ କ୍ରିକେଟ କ୍ଲବ ତରଫରୁ ଆୟୋଜନ କରାଯାଇଥିଲା। ଯାହାକି ଆଜି ତାର ଅନ୍ତିମ ଦିବସରେ ଉଦଯାପିତ ହୋଇଛି। ଏହି କ୍ରିକେଟ୍ ଖେଳ ୮ଟି ଟିମ୍ କୁ ନେଇ ଖେଳା ଯାଇଥିଲା।ଚମ୍ପୁଆ କ୍ରିକେଟ୍ କ୍ଲବର ସଭାପତି ଅରୁଣ କୁମାର ପତି, ସମ୍ପାଦକ ପବିତ୍ର କୁମାର ନାୟକଙ୍କ ନେତୃତ୍ୱରେ ଏହି ଉଯାପପନି ଖେଳରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଓକିଲ ସଙ୍ଘର ସଭାପତି ତଥା ବିଜେପି ନେତା ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ଭାବରେ କେନ୍ଦୁଝର ସାଂସଦ ଙ୍କ ପ୍ରତିନିଧି ସିଦ୍ଧାର୍ଥ ସିଂ, ପୁର୍ବତନ କ୍ରିକେଟ୍ ଖେଳାଳି ତଥା ଜଣେ ସମାଜସେବୀ ହବି ପୂର୍ବତନ ଫୁଟବଲ୍ ଖେଳାଳୀ ସଞ୍ଜୟ ନାଏକ, ଏମ ଡି ମୁସ୍ତାକ ଚମ୍ପୁଆ କ୍ରିକେଟ କ୍ଲବର ସମସ୍ତ ଖେଳାଳି, ବହୁ ବରିଷ୍ଠ ଖେଳାଳୀ, ଗଣ୍ୟମାନ୍ୟ ବ୍ୟକ୍ତି ଓ ଖେଳ ପ୍ରେମୀ ଦର୍ଶକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସମସ୍ତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ପରେ ପଡିଆ ଭିତରକୁ ଅତିଥି ମାନେ ଯାଇ ପିଚ ଉପରେ ଫିତା କାଟିବା ସହିତ ଦୁଇଦଳର ଖେଳାଳି ମାନଙ୍କ ସହିତ ପରିଚୟ ଆଦାନ ପ୍ରଦାନ କରିଥିଲେ। ଆଜିର ଏହି ଫାଇନାଲ ମ୍ୟାଚ ଏ କେ ଏଫ ଫାଇଟର ଏକାଦଶ ଏବଂ ମାରୁତି ଫାଇଟର ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଏ କେ ଫ ଫାଇଟର ଏକାଦଶ ଟସ ଜିତି ମାରୁତି ଏକାଦଶ କୁ ବ୍ୟାଟିଙ୍ଗ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୮ ଓଭର ବିଶିଷ୍ଟ ମ୍ୟାଚରେ ମାରୁତି ଏକାଦଶ ୮୫ରନ କରିଥିଲାବେଳେ ଏ କେ.ଏଫ ଏକାଦଶ ୭ ଓଭରରେ ୮୭ ରନ କରି ବିଜୟୀ ହୋଇ ଚମ୍ପିୟାନ ହୋଇଥିଲା। ଏହି ଖେଳକୁ ଚମ୍ପୁଆ କ୍ରିକେଟ କ୍ଲବର ଖେଳାଳୀ ଫଇମ୍ ଖାନ୍ ସମସ୍ତ ସଦସ୍ୟ ଖେଳ ଶେଷ ପର୍ଯ୍ୟନ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଖେଳରେ ପରିଚାଳନାରେ ସହଯୋଗ କରିଛନ୍ତି। ଆଜିର ଖେଳରେ ଦିଲୱାଜ ଅକ୍ତିର ଓ ଆକମଲ୍ ଆରିଜ୍ ଅମ୍ପୟାର ଭାବରେ ଖେଳ ପରିଚାଳନା କରିଥିଲାବେଳେ ଓ ଭାଷ୍ୟକାର ଭାବରେ ରାଜା ଖେଳର ଧାରା ବିବରଣୀଗ ପ୍ରଦାନ କରିଥିଲେ ଓ ସ୍କୋରର ଭାବେ ପାର୍ଥ ବେଶ୍ରା, ଯାକି ଅହମଦ ଓ ନବେଦ ଆଲମ୍ ସ୍କୋରିଙ୍ଗ ଭାର ସୁନ୍ଦର ଭାବେ ସମ୍ପାଦନ କରିଥିବା ଦେଖିବାକୁ ମିଳିଛି ।

# ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ନିମନ୍ତେ ପ୍ରସ୍ତୁତି ବୈଠକ

ନୂଆପଡ଼ା,୧୯/୧୧ (ନି.ପ୍ର): ଜାତୀୟ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡା ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସନ୍ତା ଡିସେମ୍ବର ୧୩ ତାରିଖ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ନୂଆପଡା ଜିଲ୍ଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ କୋର୍ଟରେ ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ତଥା ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ ଓ ଜଳ ଯୋଗାଣ ବିଲ୍ ଦେୟ ଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ପ୍ରାକ୍-ମକଦ୍ଦମା ସ୍ତରୀୟ ତଥା ବ୍ୟାଙ୍କ ଋଣ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନି, ଫୌଜଦାରୀ ମକଦ୍ଦମା ଗୁଡ଼ିକର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ହୋଇଥାଏ । ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟର ହେଲ୍ପଲାଇନ୍ ନମ୍ବର ୦୬୬୭୮-୨୨୫୩୩୬ ଏବଂ ଟୋଲ ଫ୍ରି ନମ୍ବର ୧୫୧୦୦ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାଜଜ୍ ସୁନୀଲ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ବରିଷ୍ଠ ଦେୱାନି ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଉପ-ଖଣ୍ଡ ବିଚାର ବିଭାଗୀୟ ଅଧିକାରୀ ସ୍ନାତକୀ ଦାଶ, ସରକାରୀ ଓକିଲ ତ୍ରିଲୋକଚନ୍ଦ ସୋନୀ, ଜିଲ୍ଲା ଓକିଲ ସଂଘ ସଭାପତି କ୍ଷୀତିସ ବୋଧନକର, ଉପସଭାପତି ପ୍ରକାଶ ସ୍ୱାଇଁ, ସଚିବ ପ୍ୟାରିଲାଲ ଦେୱାଙ୍ଗନ, ଜିଲ୍ଲା ସିଭିଲ ବାର ସଚିବ ଦେବଦତ୍ତ ଦୀକ୍ଷିତ, ଅନ୍ୟ ଓକିଲଗଣ, ଜାତୀୟ ସରକାରୀ ଏବଂ ବେସରକାରୀ ବ୍ୟାଙ୍କଗୁଡ଼ିକ ପ୍ରବନ୍ଧକଗଣ ଉପସ୍ଥିତ ହୋଇ ଆଗାମି ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳ ସମ୍ପାଦନା ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ସମସ୍ତ ସରକାରୀ ଓ ବେସରକାରୀ ବ୍ୟାଙ୍କଙ୍କୁ ଅଧିକରୁ ଅଧିକ ପ୍ରାକ୍-ମକଦ୍ଦମାସ୍ତରୀୟ ବ୍ୟାଙ୍କ ଋଣ ମାମଲାଗୁଡ଼ିକର ରାଷ୍ଟ୍ରୀୟ ଲୋକ ଅଦାଲତରେ ସମାଧାନ କରିବାକୁ ଆହ୍ୱାନ କରିଥିଲେ । ସେହିପରି ସଚିବ ସୁଶ୍ରୀ ଦାଶ ଆସନ୍ତା ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରୀୟ ଲୋକ ଅଦାଲତରେ ଆପୋଷ ବୁଝାମଣ ଓ ସରଳ ଉପାୟରେ ନିଜ ନିଜର ମାମଲାର ସମାଧାନ ପାଇଁ ଆହ୍ୱାନ କରିଥିଲେ । ସବିଶେଷ ବିବରଣୀ ନିମନ୍ତେ ନୂଆପଡ଼ା ଜିଲ୍ଲା ଆଇନ ସେବା କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଥିଲେ ।

# ମଦମୁକ୍ତ ପାଣିଗାଁ ଗଠନ ଦାବିରେ ଅତିରିକ୍ତ ଜିଲ୍ଲାପାଳଙ୍କଠାରେ ଫେରାଦ ହେଲେ ଗ୍ରାମବାସୀ

ଭବାନୀପାଟଣା ,୧୯/୧୧ (ନି.ପ୍ର): ଗ୍ରାମାଞ୍ଚଳରେ ମଦ ପାଲଟିଛି କୁଟୀର ଶିଳ୍ପ । ମଦ ମାଫିଆ କିଛି ଲୋକଙ୍କୁ ନିୟୋଜିତ କରି ନିଜର କଳା ବେପାରର ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ଦିନକୁ ଦିନ ମଦ ନିଶାରେ ବିପଥଗାମୀ ହେଉଛି ଯୁବକ । ବୃଦ୍ଧି ପାଉଛି ଘରୋଇ ହିଂସା । ବଢୁଛି ଦୁର୍ଘଟଣା । କିଛି ଶିଶୁ ଅନାଥ ହେଉଥିବା ବେଳେ, ସିମନ୍ତିନିର ସିନ୍ଦୂର ମଧ ହଜି ଯାଉଛି । ମାଆ କୋଳ ଶୂନ୍ୟ ହେଉଥିବା ବେଳେ, କଳାହାଣ୍ଡି ଜିଲ୍ଲା - କଲମପୁର ପୋଲିସ ଥାନା ଅଂଚଳରେ ପ୍ରତ୍ୟେକ ଗାଁରେ ଏକାଧିକ ମଦ କୋଠୀ । ଦେଶୀ ବିଦେଶୀ ସମେତ ହାତରନ୍ଧା ମଦ ବିକ୍ରି ଯୋଗୁଁ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ତେଣୁ ତୁରନ୍ତ ଏହାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି , ପାଣିଗାଁର ମହିଳା ଗୋଷ୍ଠୀର ସଦସ୍ୟା । ପାଣିଗାଁରେ ୧୧ ଜଣ ବ୍ୟକ୍ତି ଦେଶୀ , ବିଦେଶୀ ଏବଂ ହାତରନ୍ଧା ମଦ ବିକ୍ରି କରୁଥିବା ନେଇ, ଗ୍ରାମବାସୀ ଏକତ୍ରିତ ହୋଇ କଲମପୁର ପୁସିଲ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଗ୍ରାମ ପରିକ୍ରମା କରି ମଦ ବେପାର କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ ରହିବା ପାଇଁ ସୂଚନା ଦେଇଥିଲେ । କଲମପୁର ପୁଲିସ ମଧ ମଦ ବେପାରରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ଦାବୀ ମୁତାବକ ମଦ ବିକ୍ରି ବନ୍ଦ କରିବା ପାଇଁ ସୂଚନା ଦେଇଥିଲେ । କିନ୍ତୁ ଅଦ୍ୟାବଧି ମଦ ବେପାରୀ ଖୁଲମ୍ ଖୁଲା ମଦ ବିକ୍ରି କରୁଥିବାରୁ ମଙ୍ଗଳବାର ଦିନ ସାଢ଼େ ୧୨ଟା ବେଳେ , ଶତାଧିକ ମହିଳା ଭବାନୀପାଟଣା ଯାଇ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦ୍ୱାନ ସମେତ ଏସପି କଳାହାଣ୍ଡି ଓ ଏସପି ଅବକାରୀ ବିଭାଗଙ୍କୁ ସାକ୍ଷାତ କରିବା ସହ ମଦ ବନ୍ଦ କରିବା ନେଇ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ତେବେ ପ୍ରଶାସନ ଏଦିଗରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି, ନହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି ସମାଜସେବୀ ଭାରତ ଭୁଷଣ ମୁଣ୍ଡ, ଶରତ ଚନ୍ଦ୍ର ମୁଣ୍ଡ, ଅମୂଲ୍ୟ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ବେହେରା, ହୃଷିକେଶ ବେହେରା, ଭଦ୍ରାଞ୍ଚଲ୍ ନାୟକ ସମେତ କମଳା ଲୋହୋରା, ନିରୁପମା ନାଏକ, ବାସନ୍ତୀ ନାଏକ, ଘସେନ ନାଗ, କବିତା ରାଉତ, ବିଳାସ ଗହିର, ସବିତା ଲହଜଲ୍, ମାଧବୀ ନାଗ, ସଭ୍ୟା ନାଗ, ସରାବତୀ ବାଗ, ହେମବତି ହାତୀ, ଯମୁନା ରାଉତ, ପୂର୍ଣ୍ଣମୀ ଭୋଇ, କ୍ଷୀର ବାଗ, ଚନ୍ଦ୍ରିକା ରାଉତ, ତୁଳସା ମାଝୀ, ମରୁଆ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝରଗଡ଼ର ଶିଶୁବାଟିକା ବିଭାଗର ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫

କେନ୍ଦୁଝର,୧୯/୧୧ (ନି.ପ୍ର): ସ୍ଥାନୀୟ ଜେଲରୋଡ଼ସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ର ଶିଶୁବାଟିକା ବିଭାଗର ୩୯ ତମ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫ ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କ୍ରୀଡ଼ାର ଉଦ୍‌ଘାଟକ ଭାବରେ ପରିଚାଳନା ସମିତିର ସଦସ୍ୟା ଦୁଲାରୀ କିସ୍କୁ ଯୋଗ ଦେଇ ଶିଶୁର ଶାରୀରିକ ବିକାଶରେ କ୍ରୀଡ଼ାର ମହତ୍ତ୍ୱ ବିଷୟରେ କହିଥିଲେ । ପ୍ରାତଃ ଅଧିବେଶନ ପ୍ରମୁଖ ଲମ୍ବୋଦର ମହାନ୍ତି ଉପସ୍ଥିତ ଥିଲେ । କ୍ରୀଡ଼ା ସମାରୋପ ଉତ୍ସବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କର ସଙ୍ଗଠନ ମନ୍ତ୍ରୀ ତାରକ ଦାସ ସରକାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାହାଣୀ ମାଧ୍ୟମରେ କ୍ରୀଡ଼ାର ଉପାଦେୟତା ବିଷୟରେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । କେନ୍ଦୁଝର ବିଭାଗ ପ୍ରମୁଖ ଜ୍ଞାନରଂଜନ ପାଢୀ ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁବାଟିକା ବିଭାଗର ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର ମୋଟ ୨୭୦ ଜଣ ଶିଶୁ ଗରମ ଆଳୁ, କୌତୁକ ଦୌଡ଼, ଆଳୁ ଚାମଚ, ସଂଗ୍ରହ ଦୌଡ଼, ଆକୃତି ଦୌଡ଼, ବଲ ଦୌଡ଼, ସନ୍ତୁଳନ ଓ ସଙ୍ଗୀତ ଚୌକି ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉକ୍ତ ଖେଳରେ ଭାଗନେଇଥିବା ସମସ୍ତ ଶିଶୁ ଭାଇଭଉଣୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିଶୁବାଟିକା ପ୍ରମୁଖ ପ୍ରଦୀପ କୁମାର ଦାସ, ଆଚାର୍ଯ୍ୟ ବିରଂଚି ନାରାୟଣ ମହାନ୍ତି, ଆଚାର୍ଯ୍ୟା ମନସ୍ୱିନୀ ଦାଶ, ସୁଜାତାରାଣୀ ମିଶ୍ର, ଜ୍ୟୋତିରାଣୀ ପଣ୍ଡା, ଆରତୀ ସାହୁ, ପାର୍ବତୀ ସାହୁ, ମୌସୁମୀ ରାଉତରାୟ, ଗାୟତ୍ରୀ ମହାନ୍ତି ଓ ଲକ୍ଷ୍ମୀପ୍ରିୟା ଉକ୍ତ କ୍ରୀଡାକୁ ପରିଚାଳନା କରିଥିଲେ।

## ପେକ୍ସ କର୍ମଚାରୀଙ୍କ ଆତ୍ମହତ୍ୟା

ମୁଖୀଗୁଡା,୧୯/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବନମାଳୀପୁରର ବିମ୍ବା ମାଝୀ(୩୬)ଙ୍କ ଗତ ରାତିରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି ।ଗତ କାଲି ସେ ବିଷ ପିଇ ଦେଇଥିବା ନିଜ ପଡିବାର ଲୋକଙ୍କୁ କହିଥିଲେ ହେଲେ ତାଙ୍କ କଥାକୁ କେହି ବିଶ୍ୱାସ କରିନଥିଲେ ।ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୟପାଟଣା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଗତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।ମୃତ ବିମ୍ବା ବାନେର ପେକ୍ସରେ ଦୀର୍ଘ ୧୨ ବର୍ଷ ହେଲା କାର୍ଯ୍ୟ କରୁଥିଲେ ।କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ରହିଛି ।ଗତ ଦୁଇ ବର୍ଷ ତଳେ ସେ ବିବାହ କରିଥିଲେ ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୮୭ ପଞ୍ଜୀକୃତ

ଭଦ୍ରକ,୧୯/୧୧ (ନି.ପ୍ର):ଏହି ଜିଲାର ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଅନୁଷ୍ଠିତ ହୋଇ ଯାଇଛି ।ସାଂସଦ ପ୍ରତିନିଧି ସରୋଜ ମହାପାତ୍ର ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟିତ ସଭାରେ ଧାମନଗର ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା, ସାଂସଦ ପ୍ରତିନିଧି ମନୋଜ ରଞ୍ଜନ ମଲିକ,ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ, କୈଳାସ ମହାପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ,ଏନ ଏସି ଅଧକ୍ଷା ନିବେଦିତା ଜେନା,ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ ମଲିକ, ଦୋବଲ ଜିଲ୍ଲାପରିଷଦ ପ୍ରତିନିଧି ପ୍ରତାପ ସାମଲ,ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ,ବିଡ଼ିଓ ବନ ବିହାରୀ ଦିଣ୍ଡା, ଏବିଡିଓ ଶର୍ମିଷ୍ଠା ମଲିକ, ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ଶିବିରରେ ବିଭିନ୍ନ ଅଂଚଳର ୬୮୭ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ଶାରୀରିକ ଭିନ୍ନକ୍ଷମ ୨୫୫, ଶ୍ରବଣ ବାଧିତ ୧୧୮,ମତିଷ୍କ ପକ୍ଷାଘାତ ୧୫୬, ଚକ୍ଷୁ ବାଧିତ ୧୧୧ ଏବଂ ୦ ରୁ ୧୪ବର୍ଷ ବୟସ ର ସମସ୍ତ ବାଧିତ ପର୍ଯ୍ୟନ୍ତ ୪୭ ଜଣ ଦିବ୍ୟାଙ୍ଗ ଙ୍କୁ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଯଶୋଦା ରାଣୀ ସାହୁ ଓ ସ୍ୱେଚ୍ଛାସେବୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଚିହ୍ନଟ ଶିବିର ସ୍ଥାନ ରେ ଆବଶ୍ୟକ ଟେଂଟ ନଥିବାରୁ ପଞ୍ଜିକରଣ ସ୍ଥାନ ରେ ପ୍ରବଳ ଭିଡ଼ ଯୋଗୁ ଦିବ୍ୟାଙ୍ଗମାନେ ଖରାରେ ଅସନ୍ତୋଷ ହେଉଥିଲେ ।ତେବେ ସାମାଜିକ ଅଧିକାରିଣୀ ଙ୍କ ଦୂରଦୃଷ୍ଟି ଅଭାବରୁ ଶିବିର କୁ ଆସିଥିବା ଭିନ୍ନକ୍ଷମ ମାନେ ନାନାଦି ହଇରାଣରେ ସମ୍ମୁଖୀନ ହୋଇଥିଲେ । ହାଇସ୍କୁଲ ପରିସର ରେ ବ୍ୟାପକ ସ୍ଥାନ ଥିଲେମଧ ଶିବିର କୁ ଆସିଥିବା ଲୋକମାନେ ଖାଇବା ପାଇଁ ରାସ୍ତା ପାର ହୋଇ ଷ୍ଟାଡିୟମ୍ କୁ ଯାଇ ଥିଲେ। ସେଥିମଧ୍ୟରୁ କିଛି ଲୋକ ଜାଣି ପାରୁନଥିବାରୁ ଖାଇବାରୁ ବଂଚିତ ହୋଇ ଥିଲେ । ଶିବିର ସ୍ଥଳରେ ପାନୀୟ ଜଳ ମଧ ମହଜୁଦ ନଥିଲା ବୋଲି ଶିବିର କୁ ଆସିଥିବା ଲୋକ ମାନେ କହିଛନ୍ତି।

# ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବିତରଣ ସମାରୋହ: ଜିଲ୍ଲାର ୮୪,୧୫୪ ଜଣ ଚାଷୀ ହେଲେ ଉପକୃତ

ନୂଆପଡା,୧୯/୧୧ (ନି.ପ୍ର): ନୂଆପଡାରେ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଆନୁକୁଲ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବିତରଣ ସମାରୋହ ଅନୁଷ୍ଠିତ ହୋଇ ଯାଇଛି ।ସ୍ଥାନୀୟ ଡି ପି ଆର୍ ସି , ସିଲଦା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ନୂଆପଡା ବିଧାୟକ ଜୟ ଢୋଲକିଆ ଯୋଗଦାନ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ, ନୂଆପଡା ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ ଦିଲ୍ଲୀପ ନିର୍ମଲ୍ କର୍ ପ୍ରମୁଖ ଯୋଗଦାନ କରିଥିଲେ ।ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।ଆବାହକ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ଅତିଥି ମାନଙ୍କୁ ସ୍ୱାଗତ କରି ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କିଷାନ ସମ୍ମାନ ନିଧି ଯୋଜନାର ୨୧ ତମ କିସ୍ତି କୋଇମ୍ବାଟୁର ରୁ ପ୍ରଦାନ କରିଥିବାର କାର୍ଯ୍ୟକ୍ରମ ଆଭାସି ମାଧ୍ୟମରେ ଏଠାରେ ପ୍ରଦର୍ଶିତ ହୋଇଥିଲା ।ଦେଶର ୯ କୋଟି ଚାଷୀଙ୍କ ବ୍ୟାଙ୍କ୍ ଖାତାକୁ ୧୮ ହଜାର କୋଟି ଟଙ୍କା ଆଜି ଦିଆଗଲା ।ସେହିପରି ରାଜ୍ୟ କୃଷି ଭବନରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏଥିରେ ଯୋଡ଼ି ହୋଇଥିଲେ ।ରାଜ୍ୟର ୩୪ ଲକ୍ଷ ରୁ ଅଧିକ ଚାଷୀ ଆଜି ୭୦୦ କୋଟି ଟଙ୍କା ରୁ ଉର୍ଦ୍ଧ ସହାୟତା ପାଇବେ ।ନୂଆପଡା ଜିଲ୍ଲାର ୮୪,୧୫୪ ଜଣ ଚାଷୀ ମଧ୍ୟ ଏହି ଯୋଜନାରେ ଉପକୃତ ହେବେ ।ସୂଚନାଯୋଗ୍ୟ ଯେପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ହେଉଛି ଏକ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଯୋଜନା ଯାହା ୨୪.୦୨.୨୦୧୯ ରେ ଆରମ୍ଭ ହୋଇଥିଲା ।ଏହାର ଉଦ୍ଦେଶ୍ୟ ହେଲା ଚାଷୀ ପରିବାରର ଆୟ ବୃଦ୍ଧି କରିବା। ଚାଷୀମାନଙ୍କୁ ଉପଯୁକ୍ତ ଫସଲ ସ୍ୱାସ୍ଥ୍ୟ ଏବଂ ଉପଯୁକ୍ତ ଅମଳ ସୁନିଶ୍ଚିତ କରିବା ପାଇଁ ସମ୍ବଳ ସଂଗ୍ରହ କରିବାକୁ ସଶକ୍ତ କରିବା। ଖର୍ଚ୍ଚ ପୂରଣ ପାଇଁ ଚାଷୀମାନଙ୍କୁ ସୁଧଖୋର୍ ମହାଜନଙ୍କ ଶିକାର ହେବାରୁ ରକ୍ଷା କରିବା ।ଜମିର ପରିମାଣ ନିର୍ବିଶେଷରେ ସମସ୍ତ ଚାଷୀ ପରିବାର ଏହା ପାଇବେ ।ଏକକ କିମ୍ବା ମିଳିତ ଭାବରେ ଚାଷୀ ଜମି ମାଲିକ ହେବା ଆବଶ୍ୟକ । ଆବଶ୍ୟକ ଜମି ବିବରଣୀ ସୂଚନା ଦେଇ ଜଣେ ଚାଷୀ ନିଜ ନାମ ପଞ୍ଜୀକରଣ କରି ପାରିବେ କ୍ଷଏହି ଯୋଜନାରେ ମୁଖ୍ୟମନ୍ତ୍ରୀ କିଷାନ ସହାୟତା ପାଉଥିବା ଚାଷୀ ମାନଙ୍କ ସହିତ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ୩ଟି କିସ୍ତିରେ ବାର୍ଷିକ ୬୦୦୦ ଟଙ୍କା ମିଳୁଛି। ଯୋଗ୍ୟ ହିତାଧୀକାରୀ ଚାଷୀମାନଙ୍କ ବ୍ୟାଙ୍କ ଆକାଉଂଟ କୁ ସିଧା ସଳଖ ଏହି ଟଙ୍କା ଯାଉଛି । ଆଜିର ଏହି ସମାରୋହରେ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଏ ଡି ଓ ଖଡିଆଳ ସୋମନାଥ ମହାପାତ୍ର,ଏସ ଡି ଭି ଓ, ଡଃ କିଶୋର କୁମାର ପରିଡ଼ା , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ କୃଷି ବିଭାଗର ସମସ୍ତ ଅଧିକାରୀ ଯୋଗଦାନ କରିଥିଲେ ।ଜିଲ୍ଲାର ସମସ୍ତ ବ୍ଲକ୍ ର ଶତାଧିକ ମହିଳା ଓ ପୁରୁଷ ଚାଷୀ ଏହି ସମାରୋହରେ ସାମିଲ୍ ହୋଇଥିଲେ ।

# ପାଠପଢ଼ା ଯାଉନାହିଁ ସରକାରୀ ବିଦ୍ୟାଳୟରେ: ଉପର ଶ୍ରେଣୀର ପାଠ ବୁଝିନପାରି ପିଲାଏ ପଢ଼ାରେ ବାନ୍ଧୁଛନ୍ତି ଡ଼ୋରି

ଉଦଳା, ୨୦/୧୧ (ନି.ପ୍ର): ସରକାରୀ ବିଦ୍ୟାଳୟ ମାନଙ୍କରେ ଆଉ ଆଗଭଳି ପାଠପଢ଼ା ଯାଉନାହିଁ । ପୂର୍ବରୁ ଯେଉଁଭଳି ନିଷ୍ଠାପର ଶିକ୍ଷକ ମାନଙ୍କୁ ଦେଖିବାକୁ ମିଳୁଥିଲା ବର୍ତମାନ ଏହା ସ୍ୱପ୍ନ ହୋଇଗଲାଣି । ଏକଥା ବେଶ ଭଲଭାବରେ ବୁଝିସାରିବା ପରେ ସରକାରୀ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ତାଙ୍କର ନିଜ ପିଲାଙ୍କୁ ଘରୋଇ ବିଦ୍ୟାଳୟ ମାନଙ୍କରେ ପଢ଼ାଉଛନ୍ତି । ସରକାରୀ ବିଦ୍ୟାଳୟର ପିଲାଙ୍କୁ ପାଠରେ ଏତେ ଦୁର୍ବଳ କରିଦିଆଯାଉଛିଯେ ଉପର ଶ୍ରେଣୀର ପାଠ ବୁଝିନପାରି ପିଲାଏ ପଢ଼ାରେ ଡ଼ୋରିବାନ୍ଧି ଦେବାକୁ ବାଧ ହେଉଛନ୍ତି । କିଛି ଗରିବ ଗୁରୁବା ଲୋକ ପଇସା ଖର୍ଚ୍ଚ କରି ତାଙ୍କର ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ପଢ଼ାଇନପାରି ସରକାରୀ ବିଦ୍ୟାଳୟ ଉପରେ ନିର୍ଭରଶିଳ ଅଛନ୍ତି । ଏହିଭଳି ଗରିବ ଗୁରୁବା ପିଲାମାନେ ସରକାରୀ ବିଦ୍ୟାଳୟ ଗୁଡ଼ିକୁ ବଂଚାଇ ରଖିଛନ୍ତି । ଏହାର ବାସ୍ତବ ଚିତ୍ର ଦେଖିବାକୁ ଚାହୁଁଥିଲେ ଆପଣ ଥରଟିଏ ଖୁଂଟା ବ୍ଲକର ବାହାନଡ଼ା ପଂଚାୟତ ଅନ୍ତର୍ଗତ ଅଁଳାଶୁଳି ଗ୍ରାମକୁ ଆସନ୍ତୁ । ଏହିଗ୍ରାମର ବାସିନ୍ଦା ମଧୁସୁଦନ ବାସ୍କେଙ୍କର ୧୬ ବର୍ଷ ବୟସର ପୁତ୍ର 'ଉତମ' ଓ ୨୦ ବର୍ଷ ବୟସର କନ୍ୟା 'ଛବି' ୫ମ ଶ୍ରେଣି ପାସ କରିବା ପରେ ଷଷ୍ଠ ଶ୍ରେଣୀର ପାଠ ବୁଝିନପାରି ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ପରିବାରର ଲୋକେ ଜଣାଇଛନ୍ତି । ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟରେ ଉକ୍ତ ଦୁଇ ଭାଇ ଭଉଣୀ ପଢୁଥିଲେ । ଏହିଭଳି ଚିତ୍ର ବର୍ତମାନ ବହୁଳ ଭାବରେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି । ଫଳରେ ଗରିବ ଗୁରୁବା ଘରର ପିଲାଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଛି । କେବଳ ମୋଟା ଅଙ୍କରେ ଦରମା ପାଇଁ ସରକାରୀ ବିଦ୍ୟାଳୟରେ ଚାକିରି କରିବାକୁ ଲୋକେ ଆଗ୍ରହ ପ୍ରକାଶ କରୁଛନ୍ତି । ରାଜ୍ୟ ସରକାର ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ଜ୍ଞାନି ଗୁଣି ଲୋକେ ଦାବି ଜଣାଇଛନ୍ତି ।



# ଚେକ ବାଉନ୍ସ ମାମଲାରେ ଦଣ୍ଡିତ

ଜଳେଶ୍ୱର, ୨୦/୧୧ (ନି.ପ୍ର): ଏକ ଚେକ ବାଉନ୍ସ ମାମଲା ରେ ବିଚାର କରି ଜଳେଶ୍ୱର ଜେଏମଏଫସି କୋର୍ଟର ବିଚାରପତି ଶ୍ରୀମତୀ ଦେବଶ୍ରୀ ଦାସ ମୁଦାଲା ତପନ କୁମାର ଘୋଷ ଙ୍କୁ ୧୮ ଲକ୍ଷ ପଚାଶ ହାଜର ଟଙ୍କା ଜୋରିମାନା ସହ ଏକ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ସୁଚନା ଅନୁସାରେ ଜଳେଶ୍ୱର ଥାନା ଅଧିନସ୍ଥ ପଥରପୁରା ଗ୍ରାମ ର ଲିଙ୍ଗରାଜ ସାହୁ ରାଇବଣିଆ ଥାନା ଭଣ୍ଡାରକୁଲି ଗ୍ରାମ ର ତପନ କୁମାର ଘୋଷ ଙ୍କୁ ୨୦୧୯ ମସିହା ରେ ଅଠର ଲକ୍ଷ ଟଙ୍କା ଧାର ଆକାରରେ ଦେଇଥିଲେ ।ତେବେ ଶ୍ରୀ ଘୋଷ ଟଙ୍କା ପୈଠ କରିବାକୁ ଯାଇ ଶ୍ରୀ ସାହୁ ଙ୍କୁ ଷ୍ଟେଟ ବ୍ୟାଙ୍କ୍ ର ଦୁଇଟି ଚେକ୍ ଯଥା ୧୧୨୬୨୪ ଓ ୧୧୨୬୨୫ ପ୍ରଦାନ କରିଥିଲେ। ଶ୍ରୀ ସାହୁ ଦୁଇଟି ଯାକ ଚେକ୍ କୁ ତାଙ୍କ ବ୍ୟାଙ୍କ୍ ଖାତାରେ ଜମା କରିବା ପରେ ଚେକ୍ ଟି ବାଉନ୍ସ ହୋଇ ଯାଇଥିଲା ।ଏନେଇ ଶ୍ରୀ ସାହୁ ଜଳେଶ୍ୱର ଜେଏମଏଫସି କୋର୍ଟ ରେ ଆଇସିସି ୮୯/୨୦୧୯ ନମ୍ବରର ଏକ ମୋକଦ୍ଦମା ରୁଜୁ କରିଥିଲେ। ମାନ୍ୟବର କୋର୍ଟ ଉଭୟ ପକ୍ଷଙ୍କ ସାକ୍ଷ୍ୟ ପ୍ରମାଣ କୁ ନେଇ ବୁଧବାର ତାଙ୍କ ରାୟ ଶୁଣାଇଛନ୍ତି ।ରାୟରେ ତପନ କୁମାର ଘୋଷ ଙ୍କୁ ଦୋଷୀ ସାବ୍ୟସ୍ତ କରି ସେ ଧାର ନେଇଥିବା ମୂଳ ୧୮ ଲକ୍ଷ ଟଙ୍କା ଓ ଜୋରିମାନା ଆକାରରେ ଅଧିକ ୫୦ ହଜାର ଟଙ୍କା ସହ ଏକ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ମୁଦେଇ ଶ୍ରୀ ସାହୁଙ୍କ ତରଫରୁ ବରିଷ୍ଠ ଆଇନଜିବୀ ଇଶାକ୍ ବେଗ୍ ମାମଲା ପରିଚାଳନା କରୁଥିଲେ।

# ୧୦୮ ଆମ୍ବୁଲାନ୍ସ ଗାଡ଼ିରେ ସୁରକ୍ଷିତ ପ୍ରସବ କରାଇଲେ ଆମ୍ବୁଲାନ୍ସ କର୍ମଚାରୀ



କଳାହାଣ୍ଡି, ୨୦/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ପଞ୍ଚାୟତ ନୂଆଗାଁ ଗ୍ରାମର ସୂର୍ଯ୍ୟମଣି ମାଝୀ ଗର୍ଭବେଦନା ପାଉଥିବାର ସୂଚନା ପାଇଁ ତୁରନ୍ତ ଏକ ୧୦୮ ଆମ୍ବୁଲାନ୍ସ ସୂର୍ଯ୍ୟମଣିଙ୍କୁ ଆଣିବା ପାଇଁ ତାଙ୍କ ଗ୍ରାମରେ ପହଂଚି ଯାଇଥିଲା । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ତାଙ୍କର ସ୍ୱାମୀ ଦୁଶା ମାଝୀ ଏବଂ ଆଶା ଦିଦିଙ୍କୁ ନେଇ ୧୦୮ ଆମ୍ବୁଲାନ୍ସ ର କର୍ମଚାରୀମାନେ ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ବାହାରିଥିଲେ । କିନ୍ତୁ କିଛିବାଟ ଗଲାପରେ ସୂର୍ଯ୍ୟମଣି ଅସହ୍ୟ ଗର୍ଭଯନ୍ତ୍ରଣା ଅନୁଭବ କରିଥିଲେ । ଏହା ଦେଖି ଆଶା ଦିଦି ଏବଂ ଆମ୍ବୁଲାନ୍ସ ରେ କାର୍ଯ୍ୟରତ ଇ.ଏମ.ଟି ଶିବଶଙ୍କର ପଟେଲ ପ୍ରସବ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ଇ.ଏମ.ଟି ଶିବଶଙ୍କର ନିଜର ନିଖୁଣ କାର୍ଯ୍ୟଶୈଳୀ ପ୍ରୟୋଗ କରି ଏକ କନ୍ୟା ସନ୍ତାନକୁ ସୁରକ୍ଷିତ ଭାବେ ପ୍ରସବ କରାଇଥିଲେ । ପରେ ଉଭୟ ସୂର୍ଯ୍ୟମଣି ଏବଂ ନବଜାତକ ଶିଶୁକନ୍ୟାକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ଉଭୟ ସୂର୍ଯ୍ୟମଣି ଏବଂ ଶିଶୁକନ୍ୟା ସମ୍ପୂର୍ଣ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି ।

# କୋଡିଏ ଲକ୍ଷ ଷାଠିଏ ହଜାର ବ୍ରାଉନ ସୁଗର ଜବତ: ଦୁଇ ଗିରଫ

ଜଳେଶ୍ୱର, ୨୦/୧୧ (ନି.ପ୍ର): ଜଳେଶ୍ୱର ଥାନା ରାଜଘାଟ ଠାରେ ଥିବା ସୁବର୍ଣ୍ଣରେଖା ନଦୀ ବ୍ରିଜ ପୂର୍ବରୁ ବ୍ରାଉନସୁଗାର ନେଇ ଯାଉଥିବା ଦୁଇ ଜଣ ଯୁବକକୁ ମାଡିବସିଲା ଜଳେଶ୍ୱର ପୋଲିସ ।ତାଙ୍କ ଠାରୁ ୨୬୦ ଗ୍ରାମ ବ୍ରାଉନ ସୁଗାର ସହ ଦୁଇ ଜଣ ଯୁବକକୁ ପୋଲିସ ଗିରଫ କରିଛି। ସୂଚନାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ରାଜଘାଟ ସୁବର୍ଣ୍ଣରେଖା ନଦୀ ବ୍ରିଜ ପୂର୍ବରୁ ଗତ କାଲି ରାତି ୯ ଘଟିକା ସମୟରେ ଜଳେଶ୍ୱର ଆଇ ଆଇ ସି ଅଶୋକ କୁମାର ବାରିକଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ପେଟ୍ରୋଲିଙ୍ଗ କରୁଥିବା ବେଳେ ଜଳେଶ୍ୱର ପଟୁ ଏକ ମଟରସାଇକେଲ ରେ ସିଂଲା ଥାନା ପାଉଁଶକୁଲି ଗ୍ରାମର ୨୬ ବର୍ଷୀୟ ବିଶ୍ୱଜିତ ସାହୁ ଏବଂ ୨୫ ବର୍ଷୀୟ ଯୁବକ ରାକେଶ ବାରିକ ଯାଉଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇଁ ଜଳେଶ୍ୱର ପୋଲିସ ମାଡି ବସିଥିଲା ।ତାଙ୍କ ନିକଟରୁ ୨୬୦ ଗ୍ରାମର ବ୍ରାଉନ ସୁଗାର,ମଟର ସାଇକେଲ ଓ ଦୁଇଟି ମୋବାଇଲ ଜବତ କରିଛି ଜଳେଶ୍ୱର ପୋଲିସ ।ଜବତ ବାଉନସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି କୁହାଯାଉଛି ।ପୋଲିସ ଦୁଇ ୫୪୦/୨୫ ମୂଳେ ଗିରଫ କରି କୋଟକୁ ପଠାଇଥିବା ସୂଚନା ଦେଇଛନ୍ତି ଜଳେଶ୍ୱର ଆଇ ଆଇ ସି ଅଶୋକ କୁମାର ବାରିକ।

# ଅଲଚିକିର ଶତବର୍ଷ ପାଳନ




ରାଉରକେଲା, ୨୦/୧୧ (ନି.ପ୍ର): ଚଳିତ ନଭେମ୍ବର ୨୩ ଓ ୨୪ ତାରିଖରେ ଦୁଇ ଦିନ ବ୍ୟାପି ମହାଡ଼ମ୍ବର ସହ ଅଲଚିକି ସୃଜନର ଶତ ବାର୍ଷିକୀ ରାଉରକେଲା ର ସିଭିକ ସେଣ୍ଟର୍ ଠାରେ ପାଳିତ ହେବ । ୨୩ ତାରିଖ ଦିନ ୧୦ଟା ସମୟରେ ପାରମ୍ପରିକ ନୃତ୍ୟ ବାଦ୍ୟ ସହ ସେକ୍ଟର ୬ ଟେଲିଫନ ଭବନ ଠାରୁ ସିଭିକ ସେଣ୍ଟର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯିବା ପରେ ଅଲଚିକି ସୃଜନର ଶତାବର୍ଷିକୀ ସମ୍ମିଳନୀ ଉତ୍ସବକୁ ଉଦଘାଟନ କରାଯିବ । ଉତ୍ସବରେ ବିଭିନ୍ନ ବିଷୟ ଉପରେ ଆଗନ୍ତୁକ ବକ୍ତାମାନେ ତାଙ୍କର ବକ୍ତବ୍ୟ ରଖିବେ । ୧୯୦୫ ମସିହା ବୈଶାଖ ପୁର୍ଣିମାରେ ଓଡିଶା ରାଜ୍ୟର ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟସ୍ଥ ଡାଁଡ଼ବୋଷ (ଡାହାରଡିହ) ଗ୍ରାମରେ ଜନ୍ମିତ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ମସିହାରେ ସାନ୍ତାଳୀ ଭାଷା ଲିପି 'ଅଲଚିକି 'କୁ ସୃଜନ କରି ଲୋକଲୋଚନକୁ ଆଣିଥିଲେ। ଅଲଚିକିର କ୍ରମାଗତ ପ୍ରଚାର ଓ ପ୍ରସାର ଯୋଗୁଁ ଲୋକମାନେ ଅଲଚିକିରେ ପଠନ ପାଠନ ଓ ଲିଖନ କଲେ । ଅଲଚିକିର ବହୁଳ ବ୍ୟବହାର ଓ ଆଦୃତ ହେବାରୁ ଏବଂ ଆବଶ୍ୟକତା ହେତୁ କେନ୍ଦ୍ର ସରକାର ୨୦୦୩ମସିହା ଡିସେମ୍ବର ୨୨ତାରିଖ ଦିନ ସାନ୍ତାଳୀ ଭାଷାକୁ ସମ୍ବିଧାନର ୮ମ ତଫସିଲରେ ସାମିଲ କରିଥିଲେ । ଏହି ଅଲଚିକି ଲିପି ଓଡିଶା ରାଜ୍ୟର ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ସୁନ୍ଦରଗଡ଼ ବ୍ୟତୀତ ଝାରଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ନେପାଳ ଓ ବାଂଲା ଦେଶରେ ମଧ ବ୍ୟବହୃତ ହେଉଛି । ଅଲ ଚିକିର ପ୍ରଚାର, ପ୍ରସାର ଓ ସାନ୍ତାଳୀ ସାହିତ୍ୟରେ ବିଶେଷ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ । ଦୁଇଦିନ ବ୍ୟାପି ଚାଲୁଥିବା ସମ୍ମିଳନୀରେ ଅଲଚିକିର ପ୍ରଚାର, ପ୍ରସାର, ପ୍ରଗତି ଓ ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କରାଯିବ । ଏହି ସମ୍ମିଳନୀକୁ ଓଡିଶା ସହ ଅନ୍ୟ ରାଜ୍ୟର ସହସ୍ରାଧିକ ଭାଷା ସାହିତ୍ୟ ସଂସ୍କୃତି ପ୍ରେମୀ ଯୋଗ ଦେବେ ବୋଲି ଆସେକା ସଭ୍ୟ ଶ୍ରୀ ରମେଶ ଚନ୍ଦ୍ର ପାତ୍ର ଜଣାଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଅବେଳରେ...

ଆଉ ବର୍ଷା ଖବର ଶୁଣି ଚାଷୀ ଛାନିଆ ହୋଇଛନ୍ତି । ଅସ୍ତରଙ୍ଗ ଏବଂ କାକଟପୁରରେ ଚାଷୀ ସେମାନଙ୍କ ଧାନ ଫସଲ କାଟିବା ଆରମ୍ଭ କରିଛନ୍ତି । ବର୍ଷା ଓ କୋହଲାପାଗ ଧାନ ଫସଲ କୁ ଉଜାଡିଦେବାର ଭୟ ସୃଷ୍ଟି କରିଛି । ଲଘୁଚାପର ପ୍ରଭାବ କେତେ ରହିବ, ବାତ୍ୟାର ରୂପ ନେବା ନା ନାହିଁ ସେନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିନାହିଁ । କିନ୍ତୁ ଉପକୂଳରେ ବର୍ଷାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି ।

### ରଥଯାତ୍ରା ଦଳାଚକଟା...

ନିର୍ଦ୍ଦେଶ ଜାରି ହେବ ବୋଲି ବିଭାଗ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ ରହିଛି । ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୫ ଜୁନ୍ ୨୯ ତାରିଖ ଭୋର ୩ଟା ସମୟରେ ଗୁଣ୍ଡିଚାର ମନ୍ଦିର ପାଖରେ ଭକ୍ତଙ୍କ ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ସେହି ସମୟରେ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଜିଲ୍ଲା ନିୟନ୍ତ୍ରଣ କକ୍ଷରେ ଥିବା ଏସିଏଫ ଶ୍ରୀ ବେହେରା ଓ ଅନ୍ୟ ଅଫିସରମାନେ ଏଭଳି ଘଟଣା ଘଟିଥିବା ସଂପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । କେତେକ ଅଫିସର୍ ଆମ୍ବୁଲାନ୍ସର ସାଇରନ୍ ଶୁଣିବା ପରେ ଅବା ସକାଳ ୬ଟାରେ ଡ୍ୟୁଟି ସାରି ଘରକୁ ଫେରିବା ପରେ ହିଁ ଏହି ବଡ଼ଧରଣର ଦୁର୍ଘଟଣା ବିଷୟରେ ଜାଣିବାକୁ ପାଇଥିଲେ ବୋଲି ଅନୁଗର୍ଗଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । ନିୟନ୍ତ୍ରଣ କକ୍ଷରେ ଥିବା ଅଫିସରମାନେ ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାରେ ବିଫଳ ହୋଇଥିଲେ । ଶ୍ରୀ ବେହେରାଙ୍କୁ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଇନ ଶୃଙ୍ଖଳା ରକ୍ଷା ଏବଂ ଭିଡ଼ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଯେତେବେଳେ ଭିଡ଼ ଅଣାୟତ୍ତ ହେବାକୁ ଲାଗିଲା, ସେମାନେ ଏସମ୍ପର୍କରେ ଜିଲ୍ଲାପାଳ କିମ୍ବା ଏସପିଙ୍କୁ ଜଣାଇ ନଥିଲେ ।

### ଦିଲ୍ଲୀ ବିସ୍ଫୋରଣ ମାମଲାରେ ...

ଅଧିକ ତଦନ୍ତ ଜାରି ରହିଛି ଏବଂ ଏହି ଘଟଣାରେ ଆହୁରି ଅନେକ ଲୋକଙ୍କୁ ଗିରଫ କରାଯାଇପାରେ ବୋଲି ଅନୁମାନ କରାଯାଉଛି । ଏନଆଇଏ ଅଭିଯୁକ୍ତମାନଙ୍କୁ ପୁଲୱାମାର ଡାକ୍ତର ମୁଜାମ୍ମିଲ ଶକିଲ , ଅନନ୍ତନାଗର ଡାକ୍ତର ଆଦିଲ ଅହମ୍ମଦ ରାଥେର, ଶୋପିଆନର ମୁଫତି ଇରଫାନ ଅହମ୍ମଦ ୱାଗେଇ, ଏବଂ ଲକ୍ଷ୍ନୌର ଡାକ୍ତର ଶାହିନ ସଇଦ ଭାବରେ ଚିହ୍ନଟ କରିଛି । ଏନଆଇଏର ତଦନ୍ତ ଅନୁସାରେ, ଚାରିଜଣ ଆତଙ୍କବାଦୀ ଦିଲ୍ଲୀ ବ୍ଲାଷ୍ଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଯେଉଁଥିରେ ଅନେକ ନିର୍ଦ୍ଦୋଷ ବ୍ୟକ୍ତି ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ ।

### ମାଟ୍ରିକ୍ ପରୀକ୍ଷା ...

୨୦୨୫ ମାଟ୍ରିକ୍ ପରୀକ୍ଷାରେ ମୋଟ ୫,୦୨,୪୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୪.୯୩ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିରେ ୧୭,୩୮୪ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିଲେ। ସେହିପରି ୨୦୨୪ ରେ ଉତ୍ତୀର୍ଣ୍ଣ ହାର ୯୬.୨୭ ପ୍ରତିଶତ ଥିଲା। ଏହି ବର୍ଷ ମୋଟ ୫,୩୯,୧୫୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯,୭୦୧ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିଲେ।

### କୋର୍ଟ ରାଜ୍ୟପାଳଙ୍କ...

ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଜ୍ୟପାଳଙ୍କ ସମ୍ମୁଖରେ ବିଚାରାଧୀନ ବିଲ୍ ପାଇଁ ବୈଧ ସମ୍ମତି ଦେଇପାରିବେ ନାହିଁ, କାରଣ ଏକ ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨ ଅନୁଯାୟୀ କ୍ଷମତା ବ୍ୟବହାର କରି ୧୦ଟି ତାମିଲନାଡୁ ବିଲ୍ ପାଇଁ ବୈଧ ସମ୍ମତି ପ୍ରଦାନ କରିଛନ୍ତି। ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ କ୍ଷମତାକୁ ଅସାମ୍ବିଧାନିକ ଭାବରେ ହଡ଼ପ କରିପାରିବେ ନାହିଁ।

### ଖବରକାଗଜ ଅଫିସରେ...

ଏବେ ବି ଅଫିସର ବିଭିନ୍ନ ଠକିଣାରେ ରେଡ ଜାରି ରହିଛି। ଏହାପୂର୍ବରୁ କଶ୍ମୀର ଟାଇମ୍ସ ଦେଶ ବିରୋଧୀ ତତ୍ତ୍ୱମାନଙ୍କୁ ଅଗ୍ରାଧିକାର ଦେଇ ଭାରତର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ଏନେଇ କଶ୍ମୀର ଟାଇମ୍ସ ବିରୋଧରେ ଏଫଆଇଆର ମଧ ହୋଇଥିଲା। ଏଫଆଇଆରରେ କଶ୍ମୀର ଟାଇମ୍ସର କାର୍ଯ୍ୟନିର୍ବାହୀ ସଂପାଦକ ଅନୁରାଧା ଭାସିନଙ୍କ ନାଁ ମଧ ରହିଥିବା ଜଣେ ଅଧିକାରୀ କହିଛନ୍ତି। କଶ୍ମୀର ଟାଇମ୍ସ ସବୁଠାରୁ ପୁରୁଣା ତଥା ଜମ୍ମୁ-କଶ୍ମୀରର ସବୁଠାରୁ ଲୋକପ୍ରିୟ ଖବରକାଗଜ। ଏହାକୁ ବେଦ ଭାସିନ ପ୍ରତିଷ୍ଠା କରିଥିଲେ। ୧୯୫୪ରେ ଏହା ସାପ୍ତାହିକ ରୂପରେ ପାଠକଙ୍କ ପାଖରେ ପହଞ୍ଚୁଥିଲା। ୧୯୬୪ ବେଳକୁ ଏହା ଦୈନିକ ଖବରକାଗଜରେ ପରିଣତ ହୋଇଥିଲା। ବେଦ ଭାସିନ ଏକଦା ଜମ୍ମୁ ପ୍ରେସ କ୍ଲବର ସଭାପତି ରହିଥିଲେ। ବେଦଙ୍କ ଦେହାନ୍ତ ପରେ ତାଙ୍କ ଝିଅ ଅନୁରାଧ ଏହାର ଦାୟିତ୍ୱ ନେଇଛନ୍ତି। ଏଥିରେ ଅନୁରାଧାଙ୍କୁ ସ୍ୱାମୀ ପ୍ରବୋଧ ଜାମୱାଲ ମଧ ସହାୟତା କରନ୍ତି। ଉଭୟ ସଂପାଦକୀୟ ଓ ପରିଚାଳନା ଦାୟିତ୍ୱ ସ୍ୱାମୀ-ସ୍ତ୍ରୀଙ୍କ ହାତରେ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଅନୁରାଧା ଓ ପ୍ରବୋଧ ଏବେ ବିଦେଶରେ ରହିଛନ୍ତି। ଯଦିଓ ୨୦୨୧-୨୨ରୁ ଖବରକାଗଜର ପ୍ରିଣ୍ଟ ସଂସ୍କରଣ ବନ୍ଦ ହୋଇଯାଇଛି, କିନ୍ତୁ ଏହାର ଅନଲାଇନ ସଂସ୍କରଣ ଏବେ ବି ଚାଲୁ ରହିଛି। ଆଜିର ରେଡକୁ ଖବରକାଗଜ ସଂସ୍ଥା ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ଖବରକାଗଜର ସଂପାଦକ ଅନୁରାଧା ଓ ପ୍ରବୋଧ ମିଳିତ ଭାବେ ଗୋଟିଏ ବିବୃତି ଜାରି କରି ରେଡକୁ ନିନ୍ଦା କରିଛନ୍ତି। ନିରପେକ୍ଷ ସାମ୍ବାଦିକତାର ସ୍ୱରକୁ ଚାପି ଦେବା ପାଇଁ ଏହା ଏକ ଉଦ୍ୟମ ବୋଲି ଉଭୟ କହିଛନ୍ତି। ସେମାନେ କହିଛନ୍ତି, "ସରକାରଙ୍କୁ ସମାଲୋଚନା କରିବା ଅର୍ଥ ନୁହେଁ ଦେଶକୁ ବିରୋଧ କରିବା। ଗୋଟିଏ ସୁସ୍ଥ ଗଣତନ୍ତ୍ର ପାଇଁ ପ୍ରଶ୍ନ ଉଠାଯିବା ଜରୁରୀ। ଆମ ସ୍ୱରକୁ ଚାପି ଦେବା ପାଇଁ ତଥା ଆମକୁ ଭୟଭୀତ କରିବା ପାଇଁ ଏପରି ଅଭିଯୋଗ ଅଣାଯାଇଛି। କିନ୍ତୁ ଆମେ ଆଦୌ ଚୁପ ହେବୁ ନାହିଁ। ଅଧିକାରୀମାନେ ମାମଲା ପ୍ରତ୍ୟାହାର କରି ହଇରାଣ କରିବା ବନ୍ଦ କରନ୍ତୁ।"

### କପି ହେବନି ସେନା ...

ହୋଇଥିବା ନେଇ ପ୍ରତିରକ୍ଷା ମନ୍ତ୍ରାଳଣ ପକ୍ଷରୁ କୁହାଯାଇଛି। ଏହି ତିନି-ସ୍ତରୀୟ ନୂତନ କୋଟ୍ କମ୍ବାଟ୍ ଉନ୍ନତ ବୈଷୟିକ କପଡ଼ାରେ ପ୍ରସ୍ତୁତ ହୋଇଛି। ବିବିଧ ଜଳବାୟୁ ଏବଂ କୌଶଳଗତ ପରିସ୍ଥିତିରେ ଆରାମ ଦାୟକ ହୋଇଥିବା ବେଳେ ସୈନିକଙ୍କ ଗତିଶୀଳତା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ପାଇଁ ସହାୟକ ହେଉଛି। ଏପରି ସ୍ଥଳେ ସୈନିକଙ୍କ କଲ୍ୟାଣ ପ୍ରତି ସେନାର ପ୍ରତିବଦ୍ଧତା ଦୃଷ୍ଟିରୁ ନୂଆ କୋଟ୍ କମ୍ବାଟରେ ବୌଦ୍ଧିକ ସମ୍ପତ୍ତି ଅଧିକାର ସଂରକ୍ଷିତ ରଖାଯାଇଛି।

# ମାୟା ସାହିତ୍ୟ ଅନୁଷ୍ଠାନର 'ଏକତ୍ର ଐକ୍ୟାମୃତ' ସାହିତ୍ୟ ଆସର

ସମ୍ବଲପୁର, ୨୦/୧୧ (ନି.ପ୍ର): ସ୍ଥାନୀୟ ସାମ୍ବାଦିକ ଭବନରେ ମାୟା ସାହିତ୍ୟ ଅନୁଷ୍ଠାନର 'ଏକତ୍ର ଐକ୍ୟାମୃତ' ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଗୀତିକାର ଦୁର୍ଗାମାଧବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡଃ ପ୍ରଦୀପ କୁମାର ପଣ୍ଡା, ଡଃ ଶ୍ୟାମ ଭୋଇ, ଡଃ ଦୁର୍ବାଦଳ ମେହେର ଅତିଥି ଓ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରମୋଦ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ମୋହିନୀ ହୋତା ଏବଂ ମମତା ନାଥଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଦୁର୍ଗା ପ୍ରସାଦ ପଣ୍ଡା, ଆଦିତେଶ୍ୱର ମିଶ୍ର, ମିଶ୍ର, ସରୋଜ ମହାନ୍ତି, ସାବିତ୍ରୀ ପୁରୋହିତ, ଗୋବିନ୍ଦ ମହାରଣା, ସୁଧାଂଶୁ ଶେଖର ମିଶ୍ର, କମଳଲୋଚନ ପଣ୍ଡା, ସବିତା ମିଶ୍ର, ଅନୁପମା ବିଶ୍ୱାଳ, ପ୍ରଣତି ମହାପାତ୍ର, ଅନନ୍ୟା ବେହେରା, ବିଚିତ୍ରା ବାଗ, ସତ୍ୟନାରାୟଣ ଠାକୁର, ବିରଜା ମୋହିନୀ ତ୍ରିପାଠୀ, ଅର୍ଜୁନ ମେହେର, ଅବକାଶ ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାରଣା, ପ୍ରଦୀପ ଯୋଶୀ, ଶିବଶଙ୍କର ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଏକାଦଶ ସନ୍ଧ୍ୟା

## ଐତିହାସିକ ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ନିତାନ୍ତ ଜରୁରୀ




ଭଦ୍ରକ, ୨୦/୧୧ (ନି.ପ୍ର): ମା' ଭଦ୍ରକାଳୀଙ୍କ ନାମରେ ନାମିତ ଭଦ୍ରକ ଭୂମିରେ ବହୁ ଧର୍ମ ପ୍ରଚାରକ,ସନ୍ଥ, ମହାପୁରୁଷ, ମନୀଷୀ, ରାଜନେତା ପଦାର୍ପଣ କରିଥିବା ବେଳେ ଏହି ପବିତ୍ର ଭୂମି ସ୍ୱାଧୀନତା ସଂଗ୍ରାମ, ଧର୍ମୀୟଧାରା, ସାହିତ୍ୟ,କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ନୌବାଣିଜ୍ୟ, ବିଜ୍ଞାନ ଆଦି କ୍ଷେତ୍ରରେ ଐତିହାସିକ ପଦଚିହ୍ନ ରଖିଯାଇଛି । କିନ୍ତୁ ୧୯୯୩ ମସିହାରୁ ଭଦ୍ରକ ଉପଖଣ୍ଡ ଜିଲ୍ଲାର ମାନ୍ୟତା ପାଇଥିଲେବି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି,ଶିଳ୍ପ, ସଡ଼କ ପରିବହନ ଆଦି ବହୁ କ୍ଷେତ୍ରରେ ଭଦ୍ରକର ଆଖି ଦୃଶିଆ ବିକାଶ ହୋଇ ନାହିଁ ।ଏଣୁ ଏହି ଐତିହାସିକ ତ୍ୟାଗଭୂମି ଭଦ୍ରକର ସର୍ବାଙ୍ଗୀନ ବିକାଶ ନିତାନ୍ତ ଜରୁରୀ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଏକାଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ଏକାଦଶ ସଂନ୍ଧ୍ୟାକୁ ଭଦ୍ରକର ପୂର୍ବତନ ସାଂସଦ ଜନନାୟକ, ଅର୍ଜୁନ ଚରଣ ସେଠୀଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ ' ବିକାଶ ଧାରାରେ ଭଦ୍ରକ ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ସମ୍ପାଦକ ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ବିଶିଷ୍ଟ ଅତିଥି, ସାମ୍ୟବାଦୀ ନେତା ଆଡଭୋକେଟ୍ ଦିବ୍ୟସିଂହ ନାୟକ ବରେଣ୍ୟ ଅତିଥି ,ସେବା ନିବୃତ ଅଧକ୍ଷ ତଥା ପ୍ରଖ୍ୟାତ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା , ପୂର୍ବତନ ବ୍ଲକ ଅଧକ୍ଷା ବିଦ୍ୟୁତ୍ ଲତା ନାୟକ, ଭଦ୍ରକ ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କୁମାର ମହାନ୍ତି ,ଧାମରା ସାହିତ୍ୟ ସଂସଦ, ରାଉରକେଲା ସମ୍ପାଦକ ସୁଶାନ୍ତ କୁମାର ନାୟକ, କଂଗ୍ରେସର ରାଜ୍ୟ ଦଳିତ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ପୂର୍ବତନ ଭଦ୍ରକ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ କଳ୍ପନା ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କବି ନାରାୟଣ ପାଢ଼ୀ ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ଟ୍ରଷ୍ଟର ସଭାପତି ଇଂ ଅଭୟ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ । ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏବଂ ମହୋତ୍ସବ ଉପଦେଷ୍ଟା ବାବୁଲାଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ମିଡ଼ିଆ ସେଲ୍ ଅଧକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ। ଏହି ସନ୍ଧ୍ୟାରେ ଏମ୍. ଏମ୍. ଡ୍ୟାନ୍ସ ଗ୍ରୁପ ଚରମ୍ପା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୫ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲରେ ଜିଲ୍ଲାପାଳ, କେନ୍ଦୁଝର ବିଶାଳ ସିଂହଙ୍କ ଅଧକ୍ଷତାରେ ଗୋନାସିକା କେନ୍ଦୁଝର ମହୋତ୍ସବ-୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ, କେନ୍ଦୁଝର ଶ୍ରୀ ଅନନ୍ତ ନାୟକ, ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଶ୍ରୀ ରବୀନ୍ଦ୍ର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, କେନ୍ଦୁଝର, ଶ୍ରୀ କୁମାର ନାଗଭୂଷଣ, ପିଏ ଆଇଟିଡିଏ ଶ୍ରୀ ଶିବଶଙ୍କର ମିଶ୍ର ଏବଂ ଅନ୍ୟ ଜିଲ୍ଲା ଅଧିକାରୀମାନେ ଆଗାମୀ ଜିଲ୍ଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ ପାଇଁ ବ୍ୟବସ୍ଥାକୁ ଚୂଡ଼ାନ୍ତ କରିବା ପାଇଁ ବୈଠକରେ ଯୋଗ ଦେଇଥିଲେ। ବୈଠକଟି ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକଙ୍କ ଦ୍ୱାରା ଏକ ପ୍ରାରମ୍ଭିକ ଟିପ୍ପଣୀ ଦିଆଯାଇଥିଲା, ଯିଏ ଜିଲ୍ଲାର ବିବିଧ ସାଂସ୍କୃତିକ ଐତିହ୍ୟ, ଆଦିବାସୀ ପରମ୍ପରା ଏବଂ ସ୍ଥାନୀୟ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବାରେ ମହୋତ୍ସବର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଗତ ବର୍ଷର ମହୋତ୍ସବ ଆୟୋଜନର ସମୀକ୍ଷା କରାଯାଇଥିଲା । ସାଂସ୍କୃତିକ ଦଳ ଚୟନ ଉପରେ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ ସଂସ୍ଥାଗୁଡ଼ିକ ତରଫରୁ ସାଂସ୍କୃତିକ ଦଳଗୁଡ଼ିକୁ ପ୍ରାୟୋଜିତ କରିବାକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ବଲିଉଡ ଓ ଓଲିଉଡ଼ର ପ୍ରତିଷ୍ଠିତ କଳାକାରଙ୍କ ସହିତ କେନ୍ଦୁଝରର ଆଦିବାସୀ ଏବଂ ସ୍ଥାନୀୟ ଲୋକକଳାକାର ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ମିନି-ମାରାଥନ/ସାଇକ୍ଲୋଥନ, ଫୁଡ୍ କୋର୍ଟ, କବି ସମ୍ମିଳନୀ, ପୁସ୍ତକ ମେଳା, ଫୁଲ ସଜ୍ଜା, ପ୍ରଦର୍ଶନୀ, ଏବଂ ଟେଣ୍ଟେଜ୍,, ଆଲୋକ, ଏବଂ ସୁରକ୍ଷା ସମେତ ଭିତ୍ତିଭୂମିର ସମୀକ୍ଷା କରାଯାଇଥିଲା, ଯାହାର ଦାୟିତ୍ୱ ସମ୍ପୃକ୍ତ ବିଭାଗଗୁଡ଼ିକୁ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବ୍ୟବସ୍ଥା, ପରିମଳ, ପାନୀୟ ଜଳ, ପରିବହନ, କଳାକାର ଏବଂ ଅତିଥିମାନଙ୍କ ରହିବା ଏବଂ ଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା ନିମନ୍ତେ ବ୍ୟାପକ ଭାବରେ ଆଲୋଚନା କରାଯାଇଥିଲା। ଜିଲ୍ଲା ସାରା ହୋର୍ଡିଂ ଏବଂ ଫ୍ଲେକ୍ସ ସ୍ଥାପନ ଏବଂ ନିମନ୍ତ୍ରଣ କାର୍ଡ, ପ୍ରମାଣପତ୍ର, ପରିଚୟପତ୍ର ଏବଂ ଯାନବାହନ ପାସ୍ ପ୍ରସ୍ତୁତି ସମେତ ପ୍ରଚାର ପାଇଁ ଯୋଜନା କରାଯାଇଥିଲା। ବୈଠକରେ ସର୍ବୋତ୍ତମ ପ୍ରଦର୍ଶନକାରୀ ଷ୍ଟଲଗୁଡ଼ିକୁ ସମ୍ମାନିତ କରିବା ଏବଂ ଟ୍ରଫି, ସ୍ମାରକୀ ପ୍ରସ୍ତୁତ କରିବା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଉଦ୍ଘାଟନର ଏକ ଅଂଶ ଭାବରେ, ଆନନ୍ଦପୁର, ଘଟଗାଁ, ଗୋନାସିକା, ବଳଦେବଜୀଉ ମନ୍ଦିର ଏବଂ ଚମ୍ପୁଆରୁ ଏକ ମଶାଲ ରାଲି ପ୍ରସ୍ତାବ ଦିଆଯାଇଥିଲା। ମହୋତ୍ସବ ସମୟରେ ଜିଲ୍ଲା ପ୍ରଶାସନ ଏବଂ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରାଯିବ।

## ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବ୍ୟ ମୃତଦେହ ରଖି ରାସ୍ତାରୋକ

ନୀଳଗିରି, ୨୦/୧୧ (ନି.ପ୍ର): ଶେରଗଡ଼ ନୀଳଗିରି ଝରଣାଘାଟି ରାସ୍ତାର ପ୍ରଶସ୍ତିକରଣ ପାଇଁ ଦୁର୍ଗା କଂଷ୍ଟ୍ରକସନ କମ୍ପାନୀ କାର୍ଯ୍ୟକରୁଥିବା ବେଳେ ଅବଧିସମୟ ସରିଯାଇଥିଲେ ମଧ୍ୟ ପୁଣି ମାର୍ଚ୍ଚ ୨୦୨୬ପର୍ଯ୍ୟନ୍ତ ଅବଧି ସମୟକୁ ବଢାଇ ଆଣିଥିବାର ଶୁଣିବାକୁ ମିଳିଛି। କମ୍ପାନୀର ଖାମଖିଆଲ୍ ନୀତି ପାଇଁ ବାରମ୍ବାର ଉକ୍ତରାସ୍ତାରେ ଦୁର୍ଘଟଣା ଘଟୁଥିବାବେଳେ ଆଜି ମଧ୍ୟ ଏକ ଜୀବନ ଯାଇଛି। ସୂଚନା ଅନୁଯାୟୀ ଉକ୍ତରାସ୍ତାର ଗଡିଆମାଳ ଛକ ନିକଟରେ ରାସ୍ତାକାମ ଚାଲୁଥିବାବେଳେ ଖନ୍ତାପଡା ଥାନା ଅନ୍ତର୍ଗତ ବାହାର୍ଦା ଗ୍ରାମର ନିହାର ରଞ୍ଜନ ମଲ୍ଲିକ (୪୦) ସକାଳ ପ୍ରାୟଦଶଟା ସମୟରେ ନିଜ ବାଇକରେ ନିଳଗିରି ଅଭିମୁଖେ ଆସୁଥିବା ବେଳେ ଗଡ଼ିଆମାଳ ଛକ ନିକଟରେ ରାସ୍ତାକାମ କରୁଥିବା ଦୁର୍ଗାକମ୍ପାନୀର ଜେ ସି ବିର ଚାଳକ ହଠାତ୍ ମେସିନର ସାମ୍ନାପଟ ଶୁଣ୍ଢ ବୁଲାଉଥିବାବେଳେ ବାଇକ୍ ଚାଳକଙ୍କୁ ଧକ୍କାଦେବାରୁ ଘଟଣାସ୍ଥଳରେ ଯୁବକର ମୃତ୍ୟୁ ହୋଇଥିଲା। ପରେ ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡିକାଲ ଆଣିଥିବା ବେଳେ ଡ଼ାକ୍ତର ମୃତ ଘୋଷଣାକରିଥିଲେ। ଖବରପାଇ ମେଡିକାଲ ପରିସର ଲୋକାରଣ୍ୟ ହୋଇ ପଡ଼ିଥିଲା। ଶବବ୍ୟବଚ୍ଛେଦ କରାଗଲା ପରେ ସନ୍ଧ୍ୟାରେ ଆମ୍ବୁଲାନ୍ସ ଯୋଗେ ମରଶରୀରକୁ ଗ୍ରାମକୁ ନେଉଥିବାବେଳେ ପରିବାର ଓ ଅଞ୍ଚଳବାସୀ ମରଶରୀରକୁ ଗଡିଆମାଳ ଛକନିକଟରେ ରଖି ଟାୟାରଜାଳି ରାସ୍ତାରୋକ କରିଛନ୍ତି।ବହୁସମୟ ଧରି ରାସ୍ତା ଅବରୋଧ ଯୋଗୁଁ ଶହଶହ ଗାଡି ଉଭୟପଟରେ ଅଟକି ରହିଥିବର ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଖନ୍ତାପଡା ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡିଛି। ମୃତକ ଯୁବକଙ୍କର ଦୁଇଟି ଝିଅଥିବା ବେଳେ ଠିକାଦାରଙ୍କ ମନମାନି ଏବଂ ବେଫିକର କାର୍ଯ୍ୟପାଇଁ ବାରମ୍ବାର ଦୁର୍ଘଟଣା କାରଣରୁ ଅନେକ ନିରୀହଜୀବନ ଅତୀତରେ ଯାଇଥିବାର ମଧ୍ୟ ନଜିର ରହିଛି। ତେବେ ସମ୍ବାଦ ଲେଖାହେବା ବେଳକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ ହଟିନଥିବା ଶୁଣିବାକୁ ମିଳିଛି।

## ଝାନ୍ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ପାଳିତ



ଭଦ୍ରକ, ୨୦/୧୧ (ନି.ପ୍ର): ଆଜି ବାଉଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ କ୍ରାନ୍ତି ଝାନ୍ସୀରାଣୀ ଲକ୍ଷ୍ମୀବାଈ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ସଭାରେ ଲକ୍ଷ୍ମୀବାଈଙ୍କ ଜୀବନୀ ଲେଖକ ସମାଜସେବୀ ରମେଶ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିବାବେଳେ ଭଗବାନ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସୂର୍ଯ୍ୟପ୍ରଭା ଦାସ, ଅସିମା କବି, ମନସ୍ୱିନୀ କବି, ରାଧାରାଣୀ ପଣ୍ଡା, ପ୍ରଭାତ କୁମାର ସାହୁ, ଅମୀୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ୱାଧୀନତା ସଂଗ୍ରାମରେ ମୁଖ୍ୟ ଯୋଦ୍ଧା ରାଣୀ ଲକ୍ଷ୍ମୀବାଈଙ୍କ ବିଶିଷ୍ଟ ଅବଦାନ ସଂପର୍କରେ ସୂଚାଇଥିଲେ। ଭାରତୀୟ ନାରୀ ସମାଜକୁ ଦେଶପାଇଁ ଲଢେଇ କରି ସହୀଦ ହୋଇଯିବା ଦେଶଭକ୍ତିର ପରିଚୟ କହିବା ସହ ନାରୀ ସମାଜ ନିଜର ସମ୍ମାନ ଓ ସୁରକ୍ଷା ପାଇଁ ନିଜେ ହିଁ ଲଢିବାର ଆବଶ୍ୟକତା ରହିଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ଶେଷରେ ଅସୀମା କବି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସ୍କୁଲର ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆଇନଯୋଗୁଁ କାଠକୁ ବେଉଷା କରି ଜୀବିକା ନିର୍ବାହ କରୁଥିବା ସହସ୍ରାଧିକ ଶ୍ରମିକଙ୍କ ବିକ୍ଷୋଭ

ବାଲେଶ୍ୱର, ୨୦/୧୧ (ନି.ପ୍ର): ଜୀବନଜୀବିକା ସୁରକ୍ଷା ସଂଯୁକ୍ତ ଗଣପରିଷଦର ଆହ୍ୱାନରେ ଗୁରୁବାର ଦିନ ପୂର୍ବାହ୍ନରେ ସହସ୍ରାଧିକ କାଠ କାରିଗର, ରାଜମିସ୍ତ୍ରୀ, ମତ୍ସ୍ୟଜୀବୀ, ଟ୍ରଲି, ଅଟୋଚାଳକ ଏବଂ ଗ୍ରାମାଞ୍ଚଳର କୃଷକ ଓ ଶ୍ରମିକ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶଙ୍କୁ ପରିଷଦର ପ୍ରତିନିଧିମାନେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଞ୍ଚଦଫା ଦାବି ପ୍ରଦାନ କରିଥିଲେ। ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରମିକମାନେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ପ୍ରଚଳିତ କରତକଳ ଆଇନ୍ ସଂଶୋଧନ କର, ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଦୀର୍ଘବର୍ଷ ଧରି ଚାଲୁଥିବା କରତକଳଗୁଡ଼ିକୁ ଲାଇସେନ୍‌ସ ଦିଅ, କାଠକୁ ବେଉଷା କରିଥିବା କାରିଗର ଓ ହେଲପରମାନଙ୍କୁ କାମ ଦିଅ, ବାଲେଶ୍ୱର ଜିଲ୍ଲାରେ ରୋଜଗାର ହରାଇଥିବା କୋଡ଼ିଏ ହଜାର ପରିବାରକୁ ମୃତ୍ୟୁମୁଖକୁ ଠେଲିଦେବା ଚଳିବ ନାହିଁ, ରାଜ୍ୟ ସରକାର ଆତ୍ମନିର୍ଭରଶୀଳ ଶ୍ରମିକମାନଙ୍କୁ ବେକାର କରିବା ଚଳିବ ନାହିଁ, ଘର ବାଡ଼ିରେ ଥିବା ପରିପକ୍ୱ ଗଛକୁ କାଟିବା ପାଇଁ ସରଳୀକରଣ ନିୟମ ଲାଗୁକର, ଗ୍ରାମାଞ୍ଚଳର ଘରବାଡ଼ିରେ ଥିବା ପରିପକ୍ୱ ଗଛକୁ ସରକାର ବନନିଗମ ଦ୍ୱାରା ଉଚିତ ଦରରେ କିଣନ୍ତୁ। ଅନ୍ୟ ରାଜ୍ୟକୁ ଚୋରା କାଠ ଚାଲାଣ ଓ କାଠସାମଗ୍ରୀ ଆମଦାନୀ ବନ୍ଦ କର, କାଠଶିଳ୍ପକୁ ବେଉଷା କରିଥିବା ଶ୍ରମିକ ଆଜି ଉପାସ କାହିଁକି, ସରକାର ତୁମେ ଜବାବ ଦିଅ ପ୍ରଭୃତି ନାରାବାଜୀ କରି ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଶ୍ରମିକନେତା ପ୍ରଦୀପ୍ତ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଗଣପରିଷଦର ସମ୍ପାଦକ ପ୍ରବୋଧ କୁମାର ପରିଡ଼ା ଗ୍ରାମାଞ୍ଚଳରେ କରତକଳଗୁଡ଼ିକ ରାଜ୍ୟ ସରକାର ବନ୍ଦ କରିଦେବା ଫଳରେ କରତକଳର ଶ୍ରମିକ ସମେତ କାଠକୁ ବେଉଷା କରି ଜୀବନ ଜୀବିକା ନିର୍ବାହ କରୁଥିବା କାଠମିସ୍ତ୍ରୀ ଓ ବିଭିନ୍ନ ବର୍ଗର ଶ୍ରମିକମାନେ ଚରମ ଦୁର୍ଦ୍ଦଶାକୁ ଚାଲିଯାଇଛନ୍ତି ବୋଲି ଶ୍ରୀ ପରଡ଼ା ପ୍ରକାଶ କରିଥିଲେ। ନିଜ ଘରବାଡ଼ିରୁ ଗୃହକର୍ତ୍ତା ଆବଶ୍ୟକବେଳେ ଗଛଟିଏ କାଟିପାରୁନାହିଁ କିମ୍ବା ବିକ୍ରି କରିପାରୁ ନାହିଁ। ଗୃହ ଉପକରଣ ବାହାର ରାଜ୍ୟରୁ ଉଚ୍ଚମୂଲ୍ୟରେ କିଣିବାକୁ ବାଧ୍ୟ ହେଉଛି। ସରକାରୀ ଯୋଜନାରେ ଆବାସ ପାଉଥିବା ପିରବାର ଝରକା, କବାଟ ଓ ବନ୍ଧ ନିର୍ମାଣ ପାଇଁ ନିଜ ବାଡ଼ିର ପରିପକ୍ୱ ଗଛକୁ ବ୍ୟବହାର କରିପାରୁ ନାହିଁ। ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଆଇନ୍ ଗ୍ରାମାଞ୍ଚଳରେ ଏକ ପ୍ରକାର ସଂକଟ ସୃଷ୍ଟି କରିଛି ବୋଲି ବହୁ ବକ୍ତା ବିକ୍ଷୋଭ ସ୍ଥଳରେ ବକ୍ତବ୍ୟ ଦେଇଥିଲେ। ଏହି ବିକ୍ଷୋଭ ସମାବେଶରେ ବାମପନ୍ଥୀ ନେତା ଭାଗବତ ପ୍ରତିହାରୀ, ଶିଶିର ହୁଇ, ବାଲେଶ୍ୱର ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସମ୍ପାଦକ ମନୋଜ ନାୟକ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଛାତ୍ରନେତା ଜଗନ୍ନାଥ ଦାସ, ଶ୍ରମିକନେତା ଜୟନ୍ତ ଦାସ, କୃଷକ ନେତା ଅରୁଣ ଜେନା, ତୁଷାର ମହାପାତ୍ର, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଆବାହକ ମହମ୍ମଦ ଇସଲାମ, ଶ୍ରମିକନେତା ପ୍ରେମରଞ୍ଜନ ପାତ୍ର, ପରିଷଦର ସଭାପତି ମଣିଭଦ୍ର ସାହୁ, ଆଇନଜୀବୀ ଶାନ୍ତନୁ ଦାସ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ନିଜର ଅପରିଣାମଦର୍ଶୀ କରତକଳ ଆଇନକୁ ସଂଶୋଧନ କରି ସ୍ୱାବଲମ୍ବୀ ଥିବା କାଠକାରିଗର ଓ ସମସ୍ତ ବର୍ଗର ଶ୍ରମିକମାନଙ୍କୁ ପୂର୍ବଭଳି ରୋଜଗାର ପ୍ରଦାନ ପାଇଁ ଦାବି କରିଥିଲେ। ନଚେତ୍ ଆଗାମୀ ଦିନରେ ଶ୍ରମିକମାନେ ବିଧାନସଭା ସମ୍ମୁଖରେ ମିଳିତ ଭାବେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ସେମାନେ ଚେତାବନୀ ଦେଇଛନ୍ତି। ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଜୀବନଜୀବିକାର ସୁରକ୍ଷା ପାଇଁ ଐକ୍ୟବଦ୍ଧ ସଂଗ୍ରାମ କରୁଥିବା ଶ୍ରମିକ ଓ ସମାବେଶରେ ଯୋଗଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କେନାଲରେ ପାଣିରେ ପଡି ଶିଶୁ ମୃତ

ଖଇରା, ୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଡଗରପଡା ଗ୍ରାମ ପଞ୍ଚାୟତ ଅଧୀନ ବାହାଦଲପୁର ଗ୍ରାମର ବସନ୍ତ ବେହେରାଙ୍କର ପୁଅ ଆଦର୍ଶ(୬ବର୍ଷ) କେନାଲରେ ପାଣିରେ ପଡି ମୃତ୍ୟୁ ବରଣ କରିଛନ୍ତି। ଗୁରୁବାର ସକାଳ ୯ଟା ସମୟରେ ଆଦର୍ଶ ନିଜ ପିଉସୀ ମା ସହିତ କେନାଲ ନିକଟରେ ଥିବା ଶିବ ମନ୍ଦିରକୁ ଯାଇଥିବା ବେଳେ ପିଉସୀଙ୍କ ଅଲକ୍ଷରେ ଆଦର୍ଶ କେନାଲକୁ ଚାଲି ଯିବା ପରେ ପାଣିରେ ବୁଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାକୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ମନ୍ଦିର ଭଙ୍ଗାଯିବା ପାଇଁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ପ୍ରଶାସନ ଏହାକୁ ଉଚ୍ଛେଦ କରୁନଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ

ନୀଳଗିରି, ୨୦/୧୧ (ନି.ପ୍ର): ରାଜ୍ୟସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ନୀଳଗିରି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନୀଳଗିରି ଥାନାପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତମେଳାରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅନୁଷ୍ଠାନିକ ଭାବେ ଯୋଗଦେଇ ମାଛଚାଷ, କୁକୁଡ଼ା ଚାଷ, ଗୋ ପାଳନ, ପ୍ରମୁଖ ସମ୍ପର୍କରେ ଉପସ୍ଥିତ ଚାଷୀ ମାନଙ୍କୁ ଅବଗତ କରାଇ ଥିଲେ। ସମ୍ମାନୀୟ ଅତିଥିଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି କରୁଣାକର ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାରାପ୍ରାପ୍ତ ନୀଳଗିରି ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ, ୧୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ୧୩ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାକ ଡା. ରବିନାରାୟଣ ପଟ୍ଟନାୟକ, ମତ୍ସ୍ୟ



ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ମଞ୍ଚାସିନ ଥାଇ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ସାଧାରଣ ଭାବେ ବେରୋଜଗାରିଆଙ୍କୁ ରୋଜଗାରକ୍ଷମ କରିବା ପାଇଁ ବିଭିନ୍ନ ଯୋଜନା ମିଳୁଥିବା ପ୍ରୋତ୍ସାହନ ର ଭରପୁର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ ଗୋଟି ଷ୍ଟଲ, ମତ୍ସ୍ୟ ବିଭାଗ ପକ୍ଷରୁ ୩ ଗୋଟି ଷ୍ଟଲ, କୃଷି ବିଭାଗ ପକ୍ଷରୁ ୧ ଗୋଟି ଷ୍ଟଲ, କୃଷି ଉଦ୍ୟାନ ବିଭାଗ ପକ୍ଷରୁ ୧ ଗୋଟି ଷ୍ଟଲ, ମିଶନ ଶକ୍ତି ପକ୍ଷରୁ ୧ ଗୋଟି, ଓମଫେଡ ପକ୍ଷରୁ ୧ ଗୋଟି ଷ୍ଟଲ କରାଯାଇଥିବା ବେଳେ ଚାଷୀଙ୍କ ପଞ୍ଜିକରଣ ପାଇଁ ସୁବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ୧୫୦ ରୁ ଉର୍ଦ୍ଧ ଗୋ ସମ୍ପଦ ବୀମା ଯୋଜନା ପାଇଁ ଆବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ନୀଳଗିରି ପଶୁ ଡାକ୍ତର ଖାନାର ଡା. ହିମାଂଶୁ ଶେଖର ଦେ ଏବଂ ଡା. ସୋନାଲି ବେହେରା ଅତିଥି ପରିଚୟ ପ୍ରଦାନ ସହିତ ମଞ୍ଚ ପରିଚାଳନା କରିଥିଲେ। ଡା. ସୁଭାଶିଷ ମହାପାତ୍ର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ପରେ ପ୍ରଦର୍ଶନୀ ଷ୍ଟଲ କୁ ନିମନ୍ତ୍ରିତ ଅତିଥି ମାନେ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମ ରେ ନୀଳଗିରି ବ୍ଲକ ର ୨୫ ଗୋଟି ପଞ୍ଚାୟତ ରୁ ପ୍ରାୟ ୫୦୦ ରୁ ଉର୍ଦ୍ଧ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ର ଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ବ୍ଲକ କଳା ସଂସ୍କୃତି ସଂଘ ଅନୁବନ୍ଧିତ ଗ୍ରୁପ ଦ୍ୱାରା ପାଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବ୍ଲକ ର ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୮ ଜଣ ସଫଳ ଚାଷୀଙ୍କୁ ଉତ୍ତରୀୟ ଏବଂ ଏକ ହଜାର ଟଙ୍କା ଦେଇ ପୁରସ୍କୃତ କରାଯାଇଥିଲା। ଶେଷରେ ଡା. ସୁଭାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ରେ ପାରାଦୀପ ବନ୍ଦରକୁ 'ବର୍ଷର ପ୍ରମୁଖ ବନ୍ଦର' ଭାବରେ ସମ୍ମାନିତ

ପାରାଦୀପ, ୨୦/୧୧ (ନି.ପ୍ର): ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ହାସଲ କରିଛି ପାରାଦୀପ ବନ୍ଦର। ମୁମ୍ବାଇର ଜିଓ ଓାର୍ଲ୍ଡ କନଭେନସନ୍‌ଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦରକୁ ଚଳିତ ବର୍ଷ ନିମନ୍ତେ ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ପାରାଦୀପ ବନ୍ଦର କର୍ତୃପକ୍ଷଙ୍କ ସାମୁଦ୍ରିକ କ୍ଷେତ୍ରରେ କାର୍ଗୋ ପରିବହନ, ପରିଚାଳନା ଦକ୍ଷତା ଏବଂ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ହାସଲ କରିବା ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ କହିଛନ୍ତି ପାରାଦୀପ ବନ୍ଦର ଏହି ମାନ୍ୟତା ପାଇବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଛି।ଏହା ଗ୍ରାହକ କେନ୍ଦ୍ରିକ କାର୍ଯ୍ୟ ପ୍ରତି ବନ୍ଦରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପିପିଏର ଟ୍ରାଫିକ ମ୍ୟାନେଜର ଶ୍ରୀ ଜି. ଏଡିସନ୍ ସଂଗଠନ ପକ୍ଷରୁ ପୁରସ୍କାର ଗ୍ରହଣ କରିଛନ୍ତି। ମିଜୋରାମର ମାନ୍ୟବର ରାଜ୍ୟପାଳ ଏହି ସମ୍ମାନ ପ୍ରଦାନ କରିଥିଲେ। ଭାରତର ବର୍ଦ୍ଧିତ ସାମୁଦ୍ରିକ ବାଣିଜ୍ୟକୁ ସମର୍ଥନ କରିବାରେ ସାହାଯ୍ୟ କରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରଯୁକ୍ତିବିଦ୍ୟା ଉନ୍ନତି, ଉନ୍ନତ ଲଜିଷ୍ଟିକ୍ସ ଏବଂ କାର୍ଯ୍ୟଦକ୍ଷତା ଉପରେ ନିରନ୍ତର ଧ୍ୟାନ ଦେଇ ଏହାର କ୍ଷମତାକୁ ସୁଦୃଢ଼ କରି ଚାଲିଛନ୍ତି।

## ଜମ୍ମୁର ଏକ ଉଚ୍ଚ ସୁରକ୍ଷା ଜେଲରେ ଚଢାଉ ଜାରି

ଜମ୍ମୁ, ୨୦/୧୧ : ଜମ୍ମୁ ଏବଂ କାଶ୍ମୀର ପୋଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୟୁନିଟ୍ ବୁଧବାର ଉଚ୍ଚ ସୁରକ୍ଷା କୋଟ ଭଲୱାଲ ଜେଲରେ ଚଢାଉ କରିଛି। ଅଧିକାରୀମାନେ କହିଛନ୍ତି ଯେ ଏହି ଚଢାଉ କେନ୍ଦ୍ରୀୟ ଜେଲରେ କରାଯାଉଛି, ଯେଉଁଠାରେ କୁଖ୍ୟାତ ଅପରାଧୀ ବ୍ୟତୀତ ହାର୍ଡକୋର ପାକିସ୍ତାନୀ ଏବଂ ସ୍ଥାନୀୟ ଆତଙ୍କବାଦୀମାନେ ରହୁଛନ୍ତି। ସେମାନେ କହିଛନ୍ତି ଯେ ଏହି ଚଢାଉ ଜେଲ ଭିତରୁ କାର୍ଯ୍ୟ କରୁଥିବା ଏକ ଆତଙ୍କବାଦୀ ନେଟୱାର୍କର ପର୍ଦ୍ଦାଫାସ କରିବା ପାଇଁ ଏକ ଅଭିଯାନର ଅଂଶ ଥିଲା।

## ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର

ପାରାଦୀପ, ୨୦/୧୧ (ନି.ପ୍ର): ପାରାଦୀପସ୍ଥିତ ବିଶ୍ୱର ସର୍ବବୃହତ୍ତ ଫସଫେଟିକ୍ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର(ପ୍ଲାଟିନମ୍ ବର୍ଗ)ହାସଲ କରିଛି।ଭୁବନେଶ୍ୱର ଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୫ରେ ଇଫକୋ ପାରାଦୀପ ୟୁନିଟ୍‌କୁ ଏହା ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍କର୍ଷ ପୁରସ୍କାର (ପ୍ଲାଟିନମ୍ ବର୍ଗ) ହାସଲ କରି ପୁର୍ନବାର ଶିଳ୍ପ ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିଛି। ଭୁବନେଶ୍ୱରର ଗୁଣବା ଏବଂ




ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ପାରଦୀପ ୟୁନିଟ୍‌ର ଉଦାହରଣ ସଫଳତାକୁ ସ୍ୱୀକୃତି ଦିଏ, ଯାହା ପ୍ଲାଣ୍ଟ ପରିଚାଳନାରେ ସର୍ବୋତ୍ତମ ଶ୍ରେଣୀର ସୁରକ୍ଷା ଅଭ୍ୟାସ ପ୍ରତି ଏହାର ଦୃଢ ପାଳନକୁ ପ୍ରତିଫଳିତ କରେ। ଇଫକୋ ପାରାଦୀପ ୟୁନିଟ ବୃହତ୍ତ ଶିଳ୍ପ ବର୍ଗ ଏବଂ ସମସ୍ତ ପ୍ରମୁଖ ଦୁର୍ଘଟଣା ବିପଦ ଶିଳ୍ପ ମଧ୍ୟରେ ସର୍ବୋଚ୍ଚ ସ୍ତରର ସୁରକ୍ଷା ମାନଦଣ୍ଡ ପ୍ରଦର୍ଶନ କରିଛି। ୟୁନିଟ୍ ହେଡ୍ ତଥା ପ୍ଲାଣ୍ଟ ମୁଖ୍ୟ ପି.କେ.ମହାପାତ୍ରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରି ପାରିଛି ପାରାଦୀପ ୟୁନିଟ୍। ନଭେମ୍ବର ମାସ ୧୯ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ କନକ୍ଲେଭରେ ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢୀଙ୍କ ଠାରୁ ଇଫକୋ ଯୁଗ୍ମ ମହାପ୍ରବନ୍ଧକ(ଅଗ୍ନି ଏବଂ ସୁରକ୍ଷା) ରଂଜିତ କୁମାର ସ୍ୱାଇଁ, ଡକ୍ଟର ରବିନାରାୟଣ ବେହେରାଙ୍କ ଉପସ୍ଥିତିରେ ଏହି ସମ୍ମାନ ଗ୍ରହଣ କରିଥିଲେ।

## ସୂଚନା କମିସନରଙ୍କ ବିରୋଧରେ ବିକ୍ଷୋଭ: ଜନବିରୋଧୀ ଫଇସଲାକୁ ପୋଡି ବିରୋଧ ପ୍ରଦର୍ଶନ କଲେ ସୂଚନା କର୍ମୀ

ବାରିପଦା, ୨୦/୧୧ (ନି.ପ୍ର): ମୂଖ୍ୟ ସୂଚନା କମିଶନର ମନୋଜ ପରିଡାଙ୍କ ସମେତ ଅନ୍ୟାନ୍ୟ ସୂଚନା କମିଶନର ପବିତ୍ର ମଣ୍ଡଳ, ଜଗନ୍ନାଥ ରଥ ଓ କଳ୍ପନା ପଟ୍ଟନାୟକଙ୍କ ଦ୍ୱାରା ସୂଚନା ଅଧିକାର କର୍ମୀଙ୍କ ମାମଲାରେ ସୂଚନା ଅଧିକାର ଆଇନକୁ ଅମାନ୍ୟ କରି ସରକାରୀ କାର୍ଯ୍ୟାଳୟର ଦୁର୍ନୀତିଗ୍ରସ୍ତ ଜନସୁଚନା ଅଧିକାରୀଙ୍କ ସପକ୍ଷରେ ଫଇସଲା ଦେଇ, ସୂଚନା ଅଧିକାର ଆଇନକୁ ପଙ୍ଗୁ କରିଦେଉଥିବା ଅଭିଯୋଗ କରି ଆଜି ସୂଚନା ଅଧିକାର କର୍ମୀ ମାନେ ମୟୁରଭଞ୍ଜ ଜିଲ୍ଲା ପାଳଙ୍କ ଅଫିସ ଆଗରେ ଧାରଣା ଓ



ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିବାର ଜଣାଯାଇଛି। ସରକାର ସ୍ୱଚ୍ଛତାର ଡିଣ୍ଡିମ ପିଟୁଥିବା ବେଳେ, ସରକାରୀ ଅଫିସରେ ଦିନକୁଦିନ ଦୁର୍ନୀତି ବଢ଼ି ଚାଲିଛି। ତେଣୁ ମୁଖ୍ୟ ସୂଚନା କମିଶନରଙ୍କ ସହିତ ଅନ୍ୟ ତିନିଜଣ ସୂଚନା କମିସନରଙ୍କ ପକ୍ଷପାତିତା କାର୍ଯ୍ୟକ୍ରମକୁ ବିରୋଧ କରାଯାଇ ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି, ସନ୍ତୋଷ ମହାନ୍ତି, ମଦନ ବିନ୍ଧାଣି ଓ ପ୍ରତାପ ମହାନ୍ତଙ୍କୁ ଦେଇଥିବା ୧୩ ଗୋଟି ଜନବିରୋଧୀ ଫଇସଲାକୁ ଆଜି ଜିଲ୍ଲା ପାଳଙ୍କ ଅଫିସ ସମ୍ମୁଖରେ ପୋଡି କମିଶନରଙ୍କୁ ବିରୋଧ ପ୍ରଦର୍ଶନ କରାଯାଇଥିବାର ଦେଖା ଯାଇଛି। ଧାରଣା ଏବଂ ବିକ୍ଷୋଭ ପରେ ଏହି କମିସନର ମାନଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୟୁରଭଞ୍ଜ ଜିଲ୍ଲାପାଳଙ୍କୁ ଭେଟି ଏକଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସନ୍ତୋଷ ମହାନ୍ତି, ମହେଶ୍ୱର ମହାନ୍ତି, ଆଶିଷ ବଶା, ସନ୍ତୋଷ ବେହେରା, ଦୟାନିଧି ମହାନ୍ତ, ଉତ୍ତମପାତ୍ର, ଗୋପାଳ ସାହୁ, ସମୀର ମହାନ୍ତ, ପ୍ରଦୀପ ଭକ୍ତା, ରବିନ୍ଦ୍ର ଦେହୁରୀ, ଦିଲ୍ଲୀପ ଗିରି, ମଦନ ବିନ୍ଧାଣି, ଶୁକଦେବ ଦେହୁରୀ, ରାଜକୁମାର ଅଗ୍ରୱାଲା, ରାଉଳ ମାଝି, ଦେବ କୁମାର ନାଥ, ପ୍ରତାପ ମହାନ୍ତ, ଚୈତନ୍ୟ ଟୁଡୁ ତରୁଣ ମହାନ୍ତି, ରାମକୁଣ୍ଡିଆ ମୁର୍ମୁ, ମୁନସୀ ହେମ୍ବ୍ରମ ପ୍ରମୁଖ ସୂଚନା କର୍ମୀ ଉପସ୍ଥିତ ଥିଲେ।

## ବନ୍ଧପାଣିରେ ବୁଡି ଯୁବକ ମୃତ

ନୀଳଗିରି, ୨୦/୧୧ (ନି.ପ୍ର): ମାର୍ଗଶିର ମାସ ପହିଲି ଗୁରୁବାରରେ ପାଣିରେ ବୁଡିଯାଇଥିବା ଯୁବକଙ୍କ ମୃତଦେହ ମିଳିବାପରେ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ଥାନା ଅଧୀନ ସିଆଡିମାଳ ପଞ୍ଚାୟତ ବୁଗାଳୀବନ୍ଧରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା।ବୁଧବାର ରାତ୍ରିରେ ଉକ୍ତ ପଞ୍ଚାୟତ ଅଧିନ ସୀତାପତିପୁର ଗ୍ରାମର ରାଧାମାଧବ ବେହେରାଙ୍କ ପୁଅ ରବିନ୍ଦ୍ର ବେହେରା (୨୭) ଶୌଚପାଇଁ ନିକଟସ୍ଥ ବୁଗାଳୀବନ୍ଧକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ପାଣିରେ ଖସିପଡିଥିବା ଅନୁମାନ କରାଯାଇଛି। ରବୀନ୍ଦ୍ର ଘରକୁ ଆସିବା ରେ ବିଳମ୍ୱହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ବନ୍ଧପାଣିରେ ରବିନ୍ଦ୍ରଙ୍କ ମୃତଦେହ ଦେଖିବାପରେ ପରିବାର ଲୋକଙ୍କୁ ଜଣାଇଥିଲେ। ତୁରନ୍ତ ରବିନ୍ଦ୍ରଙ୍କୁ ପାଣିରୁ ଉଦ୍ଧାରକରି ପରିବାରଲୋକେ ନୀଳଗିରି ମେଡିକାଲ୍ ନେଇଥିଲେ।ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନୀଳଗିରି ପୋଲିସ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ରହିଛି।

## ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଂଚିତ ହେବେ ନାହିଁ: ବିଏମସି କମିଶନର

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ସାଲିଆସାହିରେ ଘର ଉଚ୍ଛେଦକୁ ନେଇ ବିଏମସି କମିଶନର ଚଂଚଲ ରାଣା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଉଚ୍ଛେଦ କରାଯାଉଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଘର ଦିଆଯିବ। ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଂଚିତ ହେବେ ନାହିଁ। ୪୫୫ ଘର ମହଜୁଦ ରହିଛି, ଯେତେ ଆବଶ୍ୟକ ପଡ଼ିବ ଦିଆଯିବ। ଖୁବଶୀଘ୍ର ଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ଯେଉଁମାନେ ଅଯୋଗ୍ୟ ସେମାନଙ୍କୁ କେବେ ବି ଘର ଦିଆଯାଇପାରିବନି। ବସ୍ତି ଉଚ୍ଛେଦ ସହ ଲୋକମାନଙ୍କୁ ବାସୋପଯୋଗୀ ଘର ଯୋଗାଇ ଦେବା ଆମର ମୂଳଲକ୍ଷ୍ୟ। ବିକଶିତ ଭୁବନେଶ୍ୱର ପାଇଁ ବାମପର୍ଶ୍ୱ ସମନ୍ତରାଳ ରାସ୍ତାର ବହୁତ ଆବଶ୍ୟକତା ରହିଛି।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida